Postal Reg. No.GDP-40/2017-2019

بِسْمِ اللّٰهِ الرَّحْمٰنِ الرَّحِيْمِ نَحْمَدُهٗ وَنُصَلِّيْ عَلٰى رَسُوْلِهِ الْكَرِيْمِ وَعَلٰى عَبْدِهِ الْمَسِيْحِ الْمَوْعُوْدِ

وَلَقَدْ نَصَرَكُمُ اللّٰهُ بِبَدْرٍ وَّاَنْتُمْ اَذِلَّةٌ

ଖଣ୍ଡ 2

ସଂଖ୍ୟା 28

ସାପ୍ତାହିକ

# ବଦର

The Weekly କାଦିଆନ

BADAR Qadian

ODIA

ବାର୍ଷିକ ଦେୟ: ୩୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

ଗୁରୁବାର 13 ଜୁଲାଇ 2017 13 ୱଫା 1396 ହି.ଶ 18 ଶୱାଲ୍ 1438 ହି.କ

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ ଅ.ବ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍ହମ୍ଦୋଲିଲ୍ଲାଃ)

ହୁଜୁର ଅନ୍ଓ୍ୱର ଅ.ବଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର ଅ.ବଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍ଲନା ଫି'ଉମ୍ରିହି ୱ ଅମ୍ରିହି ॥

**ଖୁଦା ସେମାନଙ୍କର ସୁରକ୍ଷାକାରୀ ହୋଇଯାଆନ୍ତି, ଯେଉଁମାନେ ତାଙ୍କ ସାଥି ହୋଇଥାନ୍ତି । ଖୁଦାଙ୍କ ଆଡ଼କୁ ଆସିଯାଅ ଓ ତାର ପ୍ରତ୍ୟେକ ବିରୁଦ୍ଧାଚରଣକୁ ଛାଡ଼ିଦିଅ ଓ ତା'ର ଧାର୍ଯ୍ୟ କରାଯାଇଥିବା କର୍ତ୍ତବ୍ୟରେ ଅଳସ କରନାହିଁ ଓ ତାର ଭକ୍ତମାନଙ୍କୁ ମୁହଁ ଦ୍ୱାରା ବା ହାତ ଦ୍ୱାରା କଷ୍ଟ ଦିଅନାହିଁ । ଆକାଶୀୟ ଦଣ୍ଡ ଓ କ୍ରୋଧକୁ ଭୟ କର । ଏହା ମୋକ୍ଷର ମାର୍ଗ ଅଟେ ।**

## ହଜରତ ମସିହ ମଉଦ ଆ.ସଙ୍କ ନୀତି ବାଣୀ

ହେ ଅମୀରଗଣ ଓ ସମ୍ରାଟଗଣ ! ଓ ଧନୀ ଲୋକମାନେ ! ଆପଣଙ୍କ ମଧ୍ୟରେ ଏପରି ଲୋକେ ବହୁତ କମ୍ ଅଛନ୍ତି ଯିଏ ଅଲ୍ଲାଃଙ୍କୁ ଭୟ କରୁଛନ୍ତି ଓ ତାର ସବୁ ରାସ୍ତାରେ ସତ୍ୟବାଦୀତା ଆଚରଣ କରୁଛନ୍ତି । ଅଧିକାଂଶ ଏପରି ଅଟନ୍ତି ଯେଉଁମାନେ ସାଂସାରିକ ସାମ୍ରାଜ୍ୟ ଓ ସାଂସାରିକ ସମ୍ପତି ସହିତ ମନ ଲଗାଇଥାନ୍ତି ଏବଂ ଏଥିରେ ବୟସ ଶେଷ କରିଦେଇଥାନ୍ତି ଓ ମୃତ୍ୟୁକୁ ମନେ ପକାନ୍ତି ନାହିଁ । ପ୍ରତ୍ୟେକ ଅମୀର ଯିଏ ନମାଜ ପଢୁନାହିଁ ଓ ଖୁଦାଙ୍କ ଧ୍ୟାନ ରଖୁନାହିଁ । ତାଙ୍କର ଠକର ବାକରଙ୍କ ପାପ ତାଙ୍କ ମୁଣ୍ଡରେ ଯିବ । ପ୍ରତ୍ୟେକ ଅମୀର ଯିଏ ମଦ୍ୟପାନ କରୁଛି, ତା ମୁଣ୍ଡରେ ମଧ୍ୟ ସେମାନଙ୍କ ପାପ ଲେଖାହେବ ଯେଉଁମାନେ ତା ଅଧିନରେ ରହି ମଦ୍ୟପାନ କରୁଛନ୍ତି ।

ହେ ବୁଦ୍ଧିମାନ୍ ବ୍ୟକ୍ତିଗଣ ! ଏ ଦୁନିଆ ଚିରସ୍ଥାୟୀ ନୁହେଁ । ତେଣୁ ତୁମେ ସାବଧାନ ହୋଇଯାଅ । ତୁମେ ପ୍ରତ୍ୟେକ ଅସନ୍ତୁଳନ/ଅସମାନତାକୁ ତ୍ୟାଗ କର । ପ୍ରତ୍ୟେକ ପ୍ରକାରର ନିଶାପାଣିକୁ ଛାଡ଼ିଦିଅ, ମଣିଷକୁ ନଷ୍ଟ କରିବା ବସ୍ତୁ କେବଳ ମଦ ନୁହେଁ ବରଂ ଅଫିମ, ଗଞ୍ଜେଇ, ଚରସ, ଭାଙ୍ଗ, ତାଡ଼ି ଓ ସେହି ସମସ୍ତ ନିଶା ଯାହାର ଅଭ୍ୟାସ ସବୁବେଳ ପାଇଁ ହୋଇଯାଇଥାଏ । ଏ ସବୁ ବୁଦ୍ଧି ନଷ୍ଟ କରେ ଓ ପରିଶେଷରେ ହଲାକ୍ (ନିଃଶେଷ) କରେ । ତେଣୁ ତୁମେ ଏଥିରୁ ବଂଚ । ଆମେ ବୁଝିପାରୁନାହୁଁ ଯେ ତୁମେ ଏସବୁ ଜିନିଷ କାହିଁକି ବ୍ୟବହାର କରୁଛ ଯାହାର କୁପରିଣାମ ସ୍ୱରୂପ ପ୍ରତ୍ୟେକ ବର୍ଷ ତୁମମାନଙ୍କ ପରି ହଜାର ହଜାର ନିଶାଖୋର ଏ ଦୁନିଆରୁ ବିଦାୟ ନେଉଛନ୍ତି ଏବଂ ପରକାଳର ଦଣ୍ଡ ମଧ୍ୟ ଅଲଗା ମିଳିବ । ତୁମେ ସଂଯମି/ସଦାଚାରୀ ମଣିଷ ହୋଇଯାଅ । ଯଦ୍ୱାରା ତୁମର ବୟସ ଅଧିକ ହେବ ଓ ତୁମେ ଖୁଦାଙ୍କ ବରକତ୍ ଲଭିବ । ସୀମାରୁ ଅଧିକା ବିଳାଶପୂର୍ଣ୍ଣ ଜୀବନ ବିତାଇବା ଅଭିଶପ୍ତ ଜୀବନ ଅଟେ । ସୀମାରୁ ଅଧିକା କୁଚରିତ୍ର ଓ ସୀମାରୁ ଅଧିକା ନିର୍ଦ୍ଦୟତା ଅଭିଶପ୍ତ ଜୀବନ ଅଟେ । ସୀମାରୁ ଅଧିକା ଅଲ୍ଲାଃ ବା ତାର ଭକ୍ତଙ୍କ ଅନୁକମ୍ପାର ପରବାଏ ନ କରିବା ଅଭିଶପ୍ତ ଜୀବନ । ପ୍ରତ୍ୟେକ ଅମୀର ଅଲ୍ଲାଃଙ୍କ ଅଧିକାର ଓ ମଣିଷଙ୍କ ଅଧିକାର ବାବଦରେ ଏପରି ପ୍ରଶ୍ନ କରାଯିବେ ଯେପରି ଗୋଟିଏ ଫକୀର ବରଂ ତା ଠାରୁ ଅଧିକା । ତେଣୁ ସେ କେତେ ଅଭାଗା ଯିଏ ଏହି ସଂକ୍ଷିପ୍ତ ଜୀବନ ଉପରେ ଭରଷା କରି ବିଲ୍‌କୁଲ୍ ଖୁଦାଙ୍କ ଠାରୁ ମୁହଁ ଫେରାଇ ଦେଉଛି ଏବଂ ଖୁଦାଙ୍କ ଦ୍ୱାରା ହରାମ୍ (ନିଷିଦ୍ଧ) କରାଯାଇଥିବା ବସ୍ତୁକୁ ଏପରି ଧୃଷ୍ଟତାର ସହିତ ବ୍ୟବହାର କରୁଛି ଯେପରି ସେହି ହରାମ୍ ବସ୍ତୁଟି ତା ନିଜ ପାଇଁ ହଲାଲ (ବୈଧ) ହୋଇଯାଇଛି । କ୍ରୋଧ ଅବସ୍ଥାରେ ପାଗଳଙ୍କ ପରି କାହାକୁ ଗାଳି, କାହାକୁ ଆଘାତ ଓ କାହାକୁ ହତ୍ୟା କରିବା ପାଇଁ ପ୍ରସ୍ତୁତ ହୋଇଯାଉଛି ଏବଂ ଯୌନ ଲାଳସାରେ ଉନ୍ମାଦିତ ହୋଇ ନିର୍ଲଜ୍ଜତାର ସୀମାକୁ ଟପି ଯାଉଛି । ସେ ଏପରି ଅବସ୍ଥାରେ ମରିଯିବ ପଛେ ପ୍ରକୃତ ଆନନ୍ଦକୁ ପାଇପାରିବ ନାହିଁ । ହେ ପ୍ରୀୟ ଲୋକମାନେ ! ତୁମେ ବହୁତ କମ୍ ଦିନ ପାଇଁ ଏ ସଂସାରକୁ ଆସିଛ, ସେଥିରୁ ମଧ୍ୟ ବହୁତ ଦିନ କଟିଗଲାଣି ତେଣୁ ନିଜ ମୌଲା (ଖୁଦା)କୁ ନାରାଜ କରନାହିଁ । ଗୋଟିଏ ମଣିଷକୃତ ସରକାର ଯିଏ ତୁମଠାରୁ ସବଳ, ସେ ଯଦି ତୁମଠାରୁ ନାରାଜ ହୋଇପାରିବ ବା ସେ ତୁମକୁ ନଷ୍ଟ କରିପାରିବ । ତେବେ ତୁମେ ଚିନ୍ତାକର ଯେ ଖୁଦାତାଲାଙ୍କ ଅପ୍ରସନ୍ନତା ବା କ୍ରୋଧରୁ ତୁମେ କିପରି ବଂଚିପାରିବ । ଯଦି ତୁମେ ଖୁଦାଙ୍କ ଆଖି ସାମନାରେ ମୁତତ୍‌କି (ସତ୍ୟନିଷ୍ଠ) ହୋଇଯିବ, ତେବେ ତୁମକୁ କେହି ମଧ୍ୟ ନିଃଶେଷ କରିପାରିବେ ନାହିଁ । ସେ ନିଜେ ତୁମର ସୁରକ୍ଷା କରିବେ ଏବଂ ଶତ୍ରୁ ଯିଏ ତୁମର ଜୀବନ ନେବାକୁ ଚାହୁଁଛି ସେ ତୁମ ଉପରେ କାବୁ ପାଇପାରିବ ନାହିଁ । ଏତତ୍‌ବ୍ୟତୀତ ତୁମ ଜୀବନର କେହି ସୁରକ୍ଷାକାରୀ ନାହାନ୍ତି ଓ ତୁମେ ଶତ୍ରୁକୁ ଭୟ କରିବ ବା ଅନ୍ୟ ବିପତି ଆପତିରେ ପଡ଼ି ଅନିଶ୍ଚିତତା/ବ୍ୟାକୁଳତାର ଜୀବନ ବିତାଇବ । ତୁମ ଜୀବନର ଶେଷ ଦିନ ଗୁଡ଼ିକ ବହୁତ ଦୁଃଖ ଓ କ୍ରୋଧର ସହିତ ବିତିବ । ଖୁଦା ସେମାନଙ୍କର ସୁରକ୍ଷାକାରୀ ହୋଇଯାଆନ୍ତି, ଯେଉଁମାନେ ତାଙ୍କ ସାଥି ହୋଇଥାନ୍ତି । ଖୁଦାଙ୍କ ଆଡ଼କୁ ଆସିଯାଅ ଓ ତାର ପ୍ରତ୍ୟେକ ବିରୁଦ୍ଧାଚରଣକୁ ଛାଡ଼ିଦିଅ ଓ ତା'ର ଧାର୍ଯ୍ୟ କରାଯାଇଥିବା କର୍ତ୍ତବ୍ୟରେ ଅଳସ କରନାହିଁ ଓ ତାର ଭକ୍ତମାନଙ୍କୁ ମୁହଁ ଦ୍ୱାରା ବା ହାତ ଦ୍ୱାରା କଷ୍ଟ ଦିଅନାହିଁ । ଆକାଶୀୟ ଦଣ୍ଡ ଓ କ୍ରୋଧକୁ ଭୟ କର । ଏହା ମୋକ୍ଷର ମାର୍ଗ ଅଟେ ।

ହେ ଇସ୍‌ଲାମ୍‌ର ଓ୍ୱଲେମାଗଣ ! ମତେ ମିଥ୍ୟାବାଦୀ କରିବା ପାଇଁ ତତ୍ପର ହୁଅ ନାହିଁ କି ଏପରି ବହୁତ ରହସ୍ୟ ଅଛି ଯାହାକୁ ମଣିଷ ଶିଘ୍ର ବୁଝିପାରେ ନାହିଁ । ଯଦି ତୁମେ କେତେଗୁଡ଼ିଏ ଭୁଲ ନ କରିଥାନ୍ତ ଓ ଯଦି ତୁମେ କେତେଗୁଡ଼ିଏ ହଦିସ୍‌ର ଓଲଟା ଅର୍ଥ ବୁଝିନଥାନ୍ତ ତେବେ ମସିହ୍ ମଉଦ୍‌ଙ୍କ ଯିଏ ହକମ୍ ଥିଲେ, ତାଙ୍କ ଆଗମନ ବେକାର ହୋଇଥାନ୍ତା । ତୁମ ପୂର୍ବରୁ ଏହି ଶିକ୍ଷାନେବାର ଦୃଷ୍ଟାନ୍ତ ଉପସ୍ଥିତ ଅଛି ଯେ ଯେଉଁ କଥା ଉପରେ ତୁମେ ଜୋର ଦେଉଛ ଓ ଯେଉଁ ସ୍ଥାନରେ ତୁମେ ପାଦ ରଖିଛ, ସେହି ସ୍ଥାନରେ ୟୁହୁଦୀମାନେ ରଖିଥିଲେ । ଅର୍ଥାତ୍ ତୁମେ ଯେପରି ହଜ୍‌ରତ୍ ଇସା ଆ:ସଙ୍କ ପୁନଃ ଆଗମନର ଅପେକ୍ଷା କରିଅଛ ସେମାନେ ମଧ୍ୟ ଇଲିୟାସ୍ ନବିଙ୍କ ପୁନଃ ଆଗମନର ଅପେକ୍ଷାରେ ଥିଲେ । ଏବଂ କହୁଥିଲେ ଯେ ମସିହ୍ ସେତେବେଳେ ଆସିବ ଯେତେବେଳେ ଇଲିୟାସ୍ ନବୀ, ଯିଏ ଆକାଶକୁ ଉଠାଇ ନିଆଯାଇଛନ୍ତି, ସଂସାରକୁ ପୁନଃ ଆଗମନ କରିବେ ଏବଂ ଯେଉଁ ବ୍ୟକ୍ତି ଇଲିୟାସ୍‌ଙ୍କ ପୁନଃ ଆଗମନ ପୂର୍ବରୁ ମସିହ୍ ହେବାର ଦାବୀ କରିବ ସେ ମିଥ୍ୟାବାଦୀ । ସେମାନେ ନା କେବଳ ହଦିସ୍ ଅନୁଯାୟି ଏପରି ଭାବନା ରଖୁଥିଲେ ବରଂ ଅଲ୍ଲାଃଙ୍କ ପୁସ୍ତକକୁ ଯାହା ମଲାକି ନବିଙ୍କ ସହିଫା ଅଟେ, ତାର ପ୍ରମାଣ ସ୍ୱରୂପ ଉପସ୍ଥାପନ କରୁଥିଲେ । କିନ୍ତୁ ଯେତେବେଳେ ହଜ୍‌ରତ୍ ଇସା ଆ:ସ ନିଜକୁ ୟୁହୁଦୀଙ୍କ ମଉଦ୍ ମସିହ୍ (ପ୍ରତିଶୃତ ମସିହ୍) ହେବାର ଦାବୀ କଲେ ଏବଂ ଇଲିୟାସ୍ ଆକାଶରୁ ଓହ୍ଲାଇଲେ ନାହିଁ, ଯାହା ଏହି ଦାବୀର ସର୍ତ୍ତ ଥିଲା, ତେବେ ୟୁହୁଦୀ ମାନଙ୍କର ଏ ସମସ୍ତ ବିଶ୍ୱାସ ମିଥ୍ୟା ପ୍ରମାଣିତ ହେଲା ଏବଂ ଯାହା ୟୁହୁଦୀଙ୍କ ଭାବନାରେ ଥିଲା ଅର୍ଥାତ୍ ଇଲିଆ ନବି ଏହି ପାର୍ଥିବ ଶରୀର ସହିତ ଆକାଶରୁ ଅବତୀର୍ଣ୍ଣ ହେବେ । ପରିଶେଷରେ ଏହାର ଅର୍ଥ ହେଲା ଯେ ଇଲିୟାସ୍‌ର ଗୁଣ ଓ ଚରିତ୍ର ନେଇ ଅନ୍ୟ କେହି ଜଣେ ପ୍ରକାଶ ହେବେ । ଏହାର ଅର୍ଥ ହଜ୍‌ରତ୍ ଇସା ଆ:ସ ନିଜେ ବର୍ଣ୍ଣନା କରିଛନ୍ତି ଯାହାଙ୍କୁ ପୁନଃ ଆକାଶରୁ ଓହ୍ଲାଉଛ । ତେଣୁ ତୁମେ କାହିଁକି ଏପରି ସ୍ଥାନରେ ଠୋକର (ଧୋକା) ଖାଉଛ ଯେଉଁ ସ୍ଥାନରେ ତୁମ ପୂର୍ବରୁ ୟୁହୁଦୀ ଠୋକର (ଧୋକା) ଖାଇ ସାରିଛନ୍ତି । ତୁମ ଦେଶରେ ହଜାର ହଜାର ୟୁହୁଦୀ ଉପସ୍ଥିତ ଅଛନ୍ତି । ତୁମେ ତାଙ୍କୁ ପଚାରି ବୁଝିନିଅ ଯେ କଣ ୟୁହୁଦୀମାନଙ୍କର ଏହି ବିଶ୍ୱାସ ନାହିଁ ଯାହା ଏବେ ତୁମେ ପ୍ରକାଶ କରୁଛ । ତେଣୁ ସେହି ଖୁଦା ଯିଏ ଇସାଙ୍କ ପାଇଁ ଇଲିଆ ନବିକୁ ଆକାଶରୁ ଓହ୍ଲାଇଲେ ନାହିଁ ଓ ୟୁହୁଦୀଙ୍କ ସମ୍ମୁଖରେ ତାଙ୍କୁ ତାଓ୍ୱିଲ୍ (ଅର୍ଥ) କରିବାକୁ ପଡ଼ିଲା । ସେ ତୁମପାଇଁ କାହିଁକି ଇସାଙ୍କୁ ଓହ୍ଲାଇବ ଯାହାକୁ ତୁମେ ପୁନଃ ଓହ୍ଲାଉଛ । ତାର ନିଷ୍ପତିରେ ତୁମେ ଅମାନ୍ୟ କରୁଛ । ଯଦି ସନ୍ଦେହ କରୁଛ ତେବେ କେତେ ଲକ୍ଷ ଇସାଇ ଏହି ଦେଶରେ ଅଛନ୍ତି ଓ ସେମାନଙ୍କ ଇଞ୍ଜିଲ୍ ମଧ୍ୟ ଅଛି । ତାଙ୍କୁ ପଚାରି ବୁଝିନିଅ ଯେ କଣ ଏହା ସତ ନୁହେଁ ଯେ ହଜ୍‌ରତ୍ ଇସା ଏହା କହିଥିଲେ ଯେ ଇଲିଆ ଯିଏ ପୁନଃ ଆସିବାର ଥିଲେ ସେ ୟୁହନା ଅଟନ୍ତି ଅର୍ଥାତ୍ ୟହ୍ୟା ବୋଲି । ଏତିକି କଥା କହି ୟୁହୁଦୀଙ୍କ ପୁରୁଣା ଆଶାକୁ ମାଟିରେ ମିଶାଇ ଦେଲା । ଯଦି ଏବେ ଏହା ଜରୁରୀ ଅଟେ ଯେ ଇସା ନବି ହିଁ ଆକାଶରୁ ଆସିବେ ତେବେ ଏହି ପରସ୍ଥିତିରେ ଇସା ସଚ୍ଚା ନବି ହୋଇପାରିବେ ନାହିଁ କାରଣ ଯଦି ଆକାଶରୁ ଫେରିବା ସୁନ୍ନତୁଲ୍ଲାଃ (ଅଲ୍ଲାଃଙ୍କ କାର୍ଯ୍ୟ) ରେ ଦାଖଲ ଅଛି ତେବେ ଇଲିୟାସ୍ ନବି କାହିଁକି ଫେରିଲେ ନାହିଁ ଏବଂ କାହିଁକି ତାଙ୍କ ସ୍ଥାନରେ ୟହିୟାଙ୍କୁ ଇଲିୟାସ୍ ରୂପେ ବିବେଚନା କରାଗଲା । ବୁଦ୍ଧିମାନ୍ ଲୋକଙ୍କ ପାଇଁ ଏହା ଚିନ୍ତା କରିବାର ସ୍ଥାନ ଅଟେ ।

(କଶ୍‌ତିନୁହ୍, ରୁହାନି ଖଜାଏନ୍, ଖଣ୍ଡ-୧୯, ପୃଷ୍ଠା-୭୩)

ପ୍ରିନ୍ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

ଭାଗ-୧

# ଗୋଟିଏ ବୈଠକରେ ତିନି ତଲାକ୍‌ର ଶରିୟତି ନିୟମକାନୁନ୍ ଓ ସ୍ତ୍ରୀ ମାନଙ୍କର ଅଧିକାର

**ମନ୍‌ସୁର୍ ଅହମଦ୍ ମସରୁର୍ (ଏଡ଼ିଟର ଉର୍ଦ୍ଦୁ ବଦର)**

ପାଠକ ପାଠିକା ଭଲରୂପେ ଜାଣିଥିବେ ଯେ ପାଖାପାଖି ୧ ବର୍ଷ ହେବ ତିନି ତଲାକ୍‌କୁ ନେଇ ଦେଶରେ ବାକ୍ ଯୁଦ୍ଧ ଜାରି ରହିଛି । ବିଭିନ୍ନ ପ୍ରକାରର ବକ୍ତବ୍ୟ ଦିଆଯାଉଛି । ଟିଭିରେ ତର୍କ ବିତର୍କର ଯୁଦ୍ଧ ଲାଗି ରହିଛି । ଏପରି ସମୟରେ ବହୁତ ଲୋକଙ୍କ ମନରେ, ଯେଉଁମାନେ ଅଧିକା ଧର୍ମୀୟ ଜ୍ଞାନ ରଖିନାହାଁନ୍ତି ଏ ପ୍ରଶ୍ନ ଜନ୍ମ ନେଉଛି ଯେ ପରିଶେଷରେ ତିନି ତଲାକ୍ ବିଷୟରେ ସଠିକ୍ ଇସ୍‌ଲାମୀୟ ଦୃଷ୍ଟିକୋଣ କଣ ଅଟେ । କୋରାନ୍‌ର ହଦିସ୍ ଅନୁସାରେ ଏକାଥରକେ ତିନି ତଲାକ୍‌ର ଅର୍ଥ କଣ ?

ତିନି ତଲାକ୍ ଉପରେ ଯମାତ୍ ଅହେମଦୀୟାର ଦୃଷ୍ଟିକୋଣ ଅର୍ଥାତ୍ ସଠିକ୍ ଇସ୍‌ଲାମୀୟ ଦୃଷ୍ଟିକୋଣ କୋରାନ୍ ଓ ହଦିସ୍ ମୁତାବକ କଣ ଅଛି କହିବା ପୂର୍ବରୁ ଉଚିତ୍ ହେବ ଯେ ଏହାକୁ ନେଇ ପୁରା ଦେଶରେ ଯେଉଁ ପରିବେଶ ସୃଷ୍ଟି ହୋଇଛି ତାହା ଉପରେ କିଛି ଆଲୋକପାତ କରିବା ।

ସ୍ପଷ୍ଟ ହେଉ ଯେ ତିନି ତଲାକ୍‌ର ଅନେକ ମାମଲା ସୁପ୍ରିମ୍ କୋର୍ଟରେ ଶୁଣାଣି ଅପେକ୍ଷାରେ ଅଛି । ଜୟପୁରର ଆଫରିନ୍ ରହେମାନ୍, କାଶିପୁର ଜିଲ୍ଲା ଉଦ୍ଧମ୍ ନଗର ଉତରା ଖଣ୍ଡର ସାଏରାବାନୁ, ରାମପୁର ୟୁପିର ଗୁଲ୍‌ଶନ୍ ପରଭିନ୍, ବିହାରର ଇଶ୍‌ରତ୍ ଜାହାଁ ଏବଂ ଶାହାଜାହାନପୁର୍ ୟୁପିର ଅତିୟା ସାବ୍‌ରି ଇତ୍ୟାଦି ସ୍ତ୍ରୀ ଲୋକମାନେ ତିନି ତଲାକ୍ ଖିଲାଫ୍‌ରେ ସୁପ୍ରିମ୍ କୋର୍ଟରେ ପିଟିସନ୍ ଦାଖଲ କରିଛନ୍ତି । ପୂର୍ବବର୍ଷ ମାମଲାର ଆରମ୍ଭ ସେତେବେଳେ ହେଲା ଯେତେବେଳେ କାଶିପୁର ଉତରା ଖଣ୍ଡର ସାଏବାବାନୁ ତାଙ୍କ ସ୍ୱାମୀଙ୍କ ତରଫରୁ ତଲାକ୍ ପାଇବା ପରେ ସୁପ୍ରିମ୍ କୋର୍ଟରେ ପିଟିସନ୍ ଦାଖଲ କଲେ ଓ ତିନି ତଲାକ୍ ଓ ନିକାହ ହଲାଲାକୁ ଚ୍ୟାଲେଞ୍ଜ୍ କଲେ ।

ଜୁନ୍ ୨୦୧୬ ମସିହାରେ ଆର୍.ଏସ୍.ଏସ୍‌ର ଅଧିନସ୍ଥ ସଂସ୍ଥା ''ରାଷ୍ଟ୍ରବାଦୀ ମୁସ୍‌ଲିମ୍ ମହିଳା ସଂଘ'' ସୁପ୍ରିମ୍‌କୋର୍ଟରେ ଗୋଟିଏ ଆବେଦନ ପତ୍ର ଦାଖଲ କଲେ । ଏହି ଆବେଦନ ପତ୍ର ଦ୍ୱାରା ମୁସ୍‌ଲିମ୍ ପର୍ସନାଲ୍ ଲ କୁ କାନୁନ୍‌ର କାଠଗଡ଼ାରେ ଛିଡ଼ା କରାଇବା ପାଇଁ ଦାଏର୍ କରାଯାଇଥିଲା । ଏକରୁ ଅଧିକା ବିବାହ ଓ ତିନି ତଲାକ୍ ପରି ପ୍ରଥା ଉପରେ ପ୍ରତିବନ୍ଧ ଲଗାଇବା ପାଇଁ ଏହାର ଲକ୍ଷ୍ୟ ଥିଲା ।

ସୁପ୍ରିମ୍ କୋର୍ଟ ତିନି ତଲାକ୍‌କୁ ମାନବିକ ଅଧିକାର ସମସ୍ୟା ରୂପେ ଅଭିହିତ କରି କହିଲା ଯେ ସେ ଏହାର ପ୍ରତ୍ୟେକ ପାର୍ଶ୍ୱ ଉପରେ ଚିନ୍ତା କରିବ ଏବଂ ଏହି ମାମଲାକୁ ସମ୍ବେଦନଶୀଳ ଜାଣି ଏହାକୁ ପାଂଚଜଣିଆ ବିଚାରପତିଙ୍କ ଖଣ୍ଡପିଠ ଅଧିନରେ ଦେଇଦେବେ । ଏହି ପାଂଚଜଣ ବିଚାରପତିଙ୍କ ସମ୍ପର୍କ ପାଂଚଟି ଭିନ୍ନ ଭିନ୍ନ ଧର୍ମ ସହିତ ଅଛି । ସେମାନଙ୍କର ନାମ ଏପରି- (୧)ଚିଫ୍ ଜଷ୍ଟିସ୍ ଜଗଦିଶ୍ ସିଂ ଖେହର୍ (ସିଖ୍ ଧର୍ମ) (୨)କୋରିଏନ୍ ଜୋଶେଫ୍ (ଖ୍ରୀଷ୍ଟଧର୍ମ) (୩)ଆର୍.ଏଫ୍ ନାରୀମନ୍ (ପାର୍ସୀଧର୍ମ) (୪)ୟୁ ୟୁ ଲଲିତ୍ (ହିନ୍ଦୁଧର୍ମ) (୫)ଅବ୍‌ଦୁଲ୍ ନଜିର୍ (ଇସ୍‌ଲାମ୍ ଧର୍ମ) ।

ପାଠକ ପାଠିକାଙ୍କୁ ଜଣାଇ ଦିଆଯାଉଛି ଯେ ଶାସକ ଦଳ ତିନି ତଲାକ୍‌ର ବିରୋଧୀ ଅଟନ୍ତି । କେନ୍ଦ୍ରୀୟ ମନ୍ତ୍ରୀ ଶ୍ରୀ ରବିଶଙ୍କର୍ ପ୍ରସାଦ କହିଥିଲେ ଯେ ସରକାର ତିନିତଲାକ୍ ଉପରେ କୌଣସି ବଡ଼ ନିଷ୍ପତି ନେଇପାରେ । ପୁଣି କହିଲେ ଯେ ସରକାର୍ ଧର୍ମର ସମ୍ମାନ କରେ । କିନ୍ତୁ ଉପାସନା ଓ ସାମାଜିକ କୁସଂସ୍କାର ଏକା ସାଥିରେ ଚାଲି ପାରିବ ନାହିଁ । ୟୁପିର ବର୍ତମାନ ନିର୍ବାଚନରେ ବି.ଜେ.ପି ତିନି ତଲାକ୍‌କୁ ନିର୍ବାଚନୀ ଘୋଷଣା ପତ୍ରରେ ଘୋଷଣା କରିଥିଲା । ନିର୍ବାଚନ ପ୍ରଚାର ସମୟରେ କଂଗ୍ରେସ ଓ ସମାଜବାଦୀ ପାର୍ଟିକୁ ଆହ୍ୱାନ୍ ଦେଇଥିଲା ଯେ ସେମାନେ ତିନି ତଲାକ୍ ମାମଲାରେ ନିଜର ମତ ସ୍ପଷ୍ଟ କରନ୍ତୁ ।

ତିନି ତଲାକ୍‌ର କେନ୍ଦ୍ର ସରକାର ଯେଉଁ ବିରୋଧ କରୁଛନ୍ତି ତାଙ୍କ ପକ୍ଷରୁ ସୁପ୍ରିମ୍ କୋର୍ଟରେ ଚାରିଗୋଟି ପ୍ରଶ୍ନ ରଖାଯାଇଛି । (୧)ପ୍ରଥମଟି ହେଲା ଧର୍ମୀୟ ସ୍ୱାଧୀନତା ଅଧିକାର ଅଧିନରେ ତିନି ତଲାକ୍, ହଲାଲା ଓ ଏକାଧିକ ବିବାହର ଅନୁମତି ଆଇନ୍ ଅନୁସାରେ ଦିଆଯାଇପାରିବ ନା ନାହିଁ । (୨)ଦ୍ୱିତୀୟ ପ୍ରଶ୍ନ ହେଲା ସମାନତାର ଅଧିକାର ଓ ସମ୍ମାନର ସହିତ ଜୀବନ ବିତାଇବାର ଅଧିକାର ଓ ଧର୍ମୀୟ ସ୍ୱାଧିନତାର ଅଧିକାର ମଧ୍ୟରୁ କାହାକୁ ପ୍ରାଥମିକତା ଦିଆଯିବ । (୩)ତୃତୀୟ ପ୍ରଶ୍ନ ହେଲା ପର୍ସନାଲ୍ ଲ କୁ ଆଇନ୍‌ର ଆର୍ଟିକିଲ୍ ନଂ-୧୩ ଅଧିନରେ କାନୁନ୍ ବୋଲି ମାନିବା ବା ନୁହେଁ । (୪)ଚତୁର୍ଥ ପ୍ରଶ୍ନ ହେଲା କଣ ତିନି ତଲାକ୍, ନିକାହ୍, ହଲାଲା ଓ ଏକାଧିକ ବିବାହ ଉକ୍ତ ଆନ୍ତର୍ଜାତୀୟ କାନୁନ୍ ଦ୍ୱାରା ଠିକ୍ ଅଟେ, ଯେଉଁଥିରେ ହିନ୍ଦୁସ୍ଥାନ୍ ମଧ୍ୟ ଦସ୍ତଖତ କରିଛି ?

ସୁପ୍ରିମ୍‌କୋର୍ଟ ତିନି ତଲାକ୍, ଏକାଧିକ ପତ୍ନୀ ଓ ହଲାଲା ବିଷୟରେ ଭାରତ ସରକାରଙ୍କ ଠାରୁ ତାର ମତ ଓ ସୁପାରିଶ୍ ତଲବ୍ କରିଥିଲା । ସରକାର ସୁପ୍ରିମ୍‌କୋର୍ଟ ସମ୍ମୁଖରେ ତିନି ତଲାକ୍ ବିରୁଦ୍ଧରେ ନିଜର ମତକୁ ଏପରି ରଖିଲେ କି ତିନି ତଲାକ୍ ମୁସଲ୍‌ମାନ୍ ସ୍ତ୍ରୀ ମାନଙ୍କ ମନ ଉପରେ କୁପ୍ରଭାବ ପକାଉଛି । ସେଥିଯୋଗୁଁ ମୁସଲ୍‌ମାନ୍ ସ୍ତ୍ରୀ ମାନଙ୍କୁ ଯେଉଁ ବୁନିଆଦି ଆଇନ୍‌ର ଅଧିକାର ମିଳିଛି, ତାର ମଧ୍ୟ ବିରୁଦ୍ଧାଚରଣ କରାଯାଉଛି । ତିନି ତଲାକ୍‌କୁ ଏକ ପ୍ରଥା ରୂପେ ଅଭିହିତ କରି କୁହାଗଲା ଯେ ଏଥିପାଇଁ ସ୍ତ୍ରୀ ମାନଙ୍କୁ ତାଙ୍କ ବର୍ଗର ପୁରୁଷ ଏବଂ ଅନ୍ୟ ବର୍ଗର ସ୍ତ୍ରୀଙ୍କ ମୁକାବିଲାରେ ଅତ୍ୟଧିକ ଅନାଧିକାରର ସମ୍ମୁଖିନ ହେବାକୁ ପଡୁଛି । ସେଥିରେ କୁହାଯାଇଛି ଯେ ଦେଶରେ ସମସ୍ତ ଜନସଂଖ୍ୟାର ମୁସ୍‌ଲିମ୍ ମହିଳାମାନଙ୍କ ଜନସଂଖ୍ୟା ୮% ଅଟେ । କିନ୍ତୁ ତିନି ତଲାକ୍‌ର ଭୟରେ ଦେଶର ଏତେବଡ଼ ଜନସଂଖ୍ୟା ନିଜକୁ ଅସୁରକ୍ଷିତ ମଣୁଛନ୍ତି ।

୭ ଅକ୍ଟୋବର୍ ୨୦୧୬ ମସିହାରେ ଲ କମିଶନ୍ ଅଫ୍ ଇଣ୍ଡିଆର ସଭାପତି ଡ଼ାଃ ଜଷ୍ଟିସ୍ ବି.ଏସ୍ ଚୌହାନ୍ ପୂର୍ବତନ ବିଚାରପତି ସୁପ୍ରିମ୍‌କୋର୍ଟ ଅଫ୍ ଇଣ୍ଡିଆଙ୍କ ତରଫରୁ ୧୬ଟି ପ୍ରଶ୍ନ ଦ୍ୱାରା ବେଷ୍ଟିତ ଏକ ଚିଠି ଜାରି କରାଗଲା । ଯାହା ଅଧିନରେ ତିନି ତଲାକ୍, ଏକାଧିକ ବିବାହ, ଖୋରାକ୍ ପୋଷାକ୍ ଓ ପୈତୃତ ସମ୍ପତି ବଂଟନ ବିଷୟରେ ସାଧାରଣ ଲୋକଙ୍କ ମତାମତ ଲୋଡ଼ାଯାଇଛି ଓ ଏଥିପାଇଁ ୪୫ ଦିନ ସମୟ ଦିଆଯାଇଛି ।

ଲ କମିଶନ୍ ନିଜ ପ୍ରଶ୍ନର ଆରମ୍ଭରେ ଆର୍ଟିକିଲ୍ ୪୪ର ହୱାଲା ଦେଇଛନ୍ତି ଯେ ଆଇନ୍‌ର ଏହି ଦଫା ଅନ୍ତର୍ଗତ କୁହାଯାଇଛି ଯେ ପୁରା ଦେଶର ନାଗରିକଙ୍କ ପାଇଁ ଏକ ପ୍ରକାର ସିଭିଲ୍ କୋଡ଼୍‌ର ଚେଷ୍ଟା ହେବା ଉଚିତ । ତେଣୁ ସରକାର ଲ କମିଶନ୍‌କୁ ଏ ସନ୍ଦର୍ଭରେ ଚିନ୍ତା କରିବା ପାଇଁ କହିଛନ୍ତି । ଲ କମିଶନ୍‌ଙ୍କ କହିବାର ଉଦ୍ଦେଶ୍ୟ ଏହା ଯେ ସରକାର ଏହି ପ୍ରଶ୍ନପତ୍ର ମାଧ୍ୟମରେ ଏକକ ସିଭିଲ୍ କୋଡ଼୍ ବିଷୟରେ ସ୍ୱାସ୍ଥ୍ୟପ୍ରଦ ତର୍କ କରିବାକୁ ଚାହୁଁଛନ୍ତି ।

ପ୍ରଶ୍ନପତ୍ର ସମ୍ବନ୍ଧରେ ଏହା ଜଣାଇବା ଉଚିତ୍ ହେବ ଯେ ପ୍ରତ୍ୟେକ ପ୍ରଶ୍ନର ଉତର ପାଇଁ ଦୁଇଟି ବା ତିନୋଟି ବିକଳ୍ପ ଦିଆଯାଇଛି । ଅଧିକାଂଶ ପ୍ରଶ୍ନର ଉତର ପାଇଁ Yes or No ରଖାଯାଇଛି । କିଛି ପ୍ରଶ୍ନର ସ୍ପଷ୍ଟିକରଣ ନିମନ୍ତେ ଦୁଇ ଧାଡ଼ିର ଯାଗା ଛଡ଼ାଯାଇଛି । ଉଦାହରଣ ସ୍ୱରୂପ ପ୍ରଶ୍ନ ନଂ-୪ ରେ ପଚରାଯାଇଛି-

4-Will uniform civil code or codification of personal law and customary practices ensure gender equality? a.Yes b.No

ଅର୍ଥାତ୍ କଣ ଏକକ ସିଭିଲ୍ କୋଡ଼୍ ବା ପୁଣି ପର୍ସନାଲ୍ ଲ କୁ କୋଡ଼ିଫାଇ କରିବା ଦ୍ୱାରା ବା ଧର୍ମୀୟ ପ୍ରଥା ଗୁଡ଼ିକ ସ୍ତ୍ରୀ ଓ ପୁରୁଷଙ୍କ ମଧ୍ୟରେ ସମାନତା ସୃଷ୍ଟି କରାଇପାରିବ ?

5-Should the uniform civil code be optional? a.Yes b.No

ଅର୍ଥାତ୍ କଣ ଏକକ ସିଭିଲ୍ କୋଡ଼୍ ଇଛାଧିନ ହେବା ଉଚିତ୍ ?

ସରକାର ସାତଟି ସାମାଜିକ ମାମଲାରେ ୟୁନିଫର୍ମ୍ ସିଭିଲ୍ କୋଡ଼୍ ଆଣିବାକୁ ଚାହୁଁଛନ୍ତି ।

(୧)ବିବାହ (୨)ତଲାକ୍ (୩)ପୋଷ୍ୟପୁତ୍ର (୪)ପିଲାମାନଙ୍କର ରକ୍ଷଣବେକ୍ଷଣ (୫)ଖୋରାକ୍ ପୋଷାକ (୬)ପୈତୃକ ସମ୍ପତି (୭)ଏବଂ ଏହାର ବଂଟନ ।

ଲ କମିଶନ୍ ଅଫ୍ ଇଣ୍ଡିଆର ପ୍ରଶ୍ନପତ୍ର ଜାରି ପରେ ରାଜନୀତି ମାହୋଲ୍ ବହୁତ ଗରମ ହୋଇଗଲା । ବିଭିନ୍ନ ପ୍ରକାରର ବୟାନ୍ ଆସିଲା । ମୁସ୍‌ଲିମ୍ ପର୍ସନାଲ୍ ଲ ବୋର୍ଡ଼୍ ପ୍ରଶ୍ନପତ୍ରର ବାଇକାଟ୍ ର ଘୋଷଣା କଲେ ଏବଂ କହିଲେ ଯେ ଏହାର ଉତର ଦିଆଯିବ ନାହିଁ । ଏହି ପ୍ରଶ୍ନଗୁଡ଼ିକ ପକ୍ଷପାତି ହୋଇଛି । ଏବଂ ଏହାଦ୍ୱାରା ସରକାର ଆମ ଉପରେ ଏକକ ସିଭିଲ୍ କୋଡ଼୍‌କୁ ବଳପୂର୍ବକ ଥାପିବାକୁ ଚାହୁଁଛନ୍ତି ।

ସ୍ପଷ୍ଟ ହେଉ ଯେ ମୁସ୍‌ଲିମ୍ ପର୍ସନାଲ୍ ଲ ବୋର୍ଡ଼୍ ତିନି ତଲାକ୍ ବିରୋଧରେ ସୁପ୍ରିମ୍‌କୋର୍ଟରେ ପିଟିସନ୍ ଦାଏର୍ କରିବାରେ ଗୋଟିଏ ପକ୍ଷ ଅଟନ୍ତି । ସେ ସୁପ୍ରିମ୍ କୋର୍ଟ ତରଫରୁ ପଚରା ଯାଇଥିବା ପ୍ରଶ୍ନର ଉତରରେ ନିଜର ମତ ସ୍ପଷ୍ଟ କରି

*ଅବଶିଷ୍ଟାଂଶ ପୃଷ୍ଠା- ୬ ରେ ଦେଖନ୍ତୁ......*

# ଖୁତ୍‌ବା ଜୁମ୍ମା

♦ମୁଁ ବିଗତ ଖୁତବାରେ ଅଲ୍ଲାଃତାଲା ରୋଜା ଓ ରମଜାନର ଯେଉଁ ଉଦ୍ଦେଶ୍ୟ ଦର୍ଶାଇଛନ୍ତି କି ନିଜ ହୃଦୟରେ ଅଲ୍ଲାଃଙ୍କ ଭୟ (ତକ୍‌ୱା) ଉତ୍ପନ୍ନ କରିବା ଆବଶ୍ୟକ, ଚର୍ଚ୍ଚା କରିଥିଲି ଏବଂ ଏଥିସମ୍ବନ୍ଧିତ ହଜରତ ମସିହ ମଉଦ ଆ.ସଙ୍କ ତଥ୍ୟ ମଧ୍ୟ ଉପସ୍ଥାପନ କରିଥିଲି । ହଜରତ ମସିହ ମଉଦ ଆ.ସ ତକ୍‌ୱାକୁ ଆମ ହୃଦୟରେ ସ୍ଥାନ ଦେବା ନିମନ୍ତେ ବିଭିନ୍ନ ସ୍ଥାନରେ ବେଶ୍ ବିସ୍ତାର ଭାବରେ ବର୍ଣ୍ଣନା କରିଛନ୍ତି । ଯଦ୍ଦ୍ୱାରା ତାହାର ଗୁରୁତ୍ୱ ଆମମାନଙ୍କ ହୃଦୟରେ ପ୍ରବେଶ କରିଯିବ ଏବଂ ଆମ୍ଭର ପ୍ରତ୍ୟେକ କାର୍ଯ୍ୟ ଓ ବ୍ୟବହାରରେ ତାହା ପ୍ରତିଫଳିତ ହେବ । କାରଣ ଯଦି (ହୃଦୟରେ) ତକ୍‌ୱା ନାହିଁ ତେବେ କୌଣସି ପ୍ରକାରର ଉତ୍ତମ କର୍ମ ସମ୍ପାଦନ କରିବା ସମ୍ଭବ ନୁହେଁ ।

♦ପ୍ରତ୍ୟେକ ଅହେମଦିଙ୍କୁ ନିଜ କାର୍ଯ୍ୟକଳାପ ପ୍ରତି ନଜର ରଖିବା ଉଚିତ୍ । ଏପରି ଅସଂଖ୍ୟ ଲୋକ ଅଛନ୍ତି ଯେ କି କୌଣସି ନା କୌଣସି ଅହେମଦିଙ୍କ ବ୍ୟବହାର କିମ୍ବା ଜମାଅତର ଆଚରଣର ଦ୍ୱାରା ପ୍ରଭାବିତ ହୋଇ ଅହେମଦି ହୋଇଛନ୍ତି ।

♦ହଜରତ ମସିହ ମଉଦ ଆ.ସ କୁହନ୍ତି- ଉତ୍ତମ ଆଚରଣକୁ କେହି କେବଳ ନମ୍ରତା ପ୍ରଦର୍ଶନ କରିବା ମନେ ନକରନ୍ତୁ । ଦେଖ ଖଲକ୍ ଓ ଖୁଲକ୍ ଦୁଇଟି ଶବ୍ଦ କିନ୍ତୁ ଉଭୟର ଅର୍ଥ ଭିନ୍ନ ଭିନ୍ନ ଅଟେ । **ଖଲକ୍** ଅର୍ଥ ପ୍ରକୃତିର ସୃଷ୍ଟି ଯେପରି ଆମର କାନ, ନାକ, ବାଳ ଇତ୍ୟାଦି କିନ୍ତୁ **ଖୁଲକ୍** ଅଭ୍ୟନ୍ତରିଣ ଶକ୍ତି ଅଟେ । ଯାହାକି ମଣିଷ ଓ ଅମଣିଷ ମଧ୍ୟରେ ପାର୍ଥକ୍ୟ କରିଥାଏ ଏପରିକି ବୁଦ୍ଧି, ବିବେକ ତଥା ଚିନ୍ତା ଶକ୍ତି ମଧ୍ୟ ଖୁଲକ୍‌ର ଅନ୍ତର୍ଭୁକ୍ତ ଅଟେ ।

♦ହଜରତ ମସିହ ମଉଦ ଆ.ସ ଏଥିସମ୍ବନ୍ଧରେ କୁହନ୍ତି- ମଣିଷ ଯେଉଁଭଳି ମନ୍ଦ ଓ ନିଚ ପ୍ରକୃତିର ହେଉନା କାହିଁକି ଯଦି ନିଜ ସୁଧାର କରିବାକୁ ଚେଷ୍ଟା କରେ ତେବେ ତାହାର ସୁଧାର ସମ୍ଭବ । କିନ୍ତୁ ଏଥିନିମନ୍ତେ ଚେଷ୍ଟା କରିବା ଅନିର୍ବାର୍ଯ୍ୟ । ହଜୁର ଆ.ସ କୁହନ୍ତି ମୂଳ କଥା ହେଲା ଅଳସୁଆମି ଓ ଅବହେଳା ନକରି ଯଦି ଚେଷ୍ଟା କରାଯାଏ ତେବେ ନିଶ୍ଚିତ ପରିବର୍ତ୍ତନ ଆସିଥାଏ । ଯେଉଁ ଜ୍ଞାନୀ ଓ ହାକିମମାନେ କହିଥାନ୍ତି କି ମଣିଷ ସ୍ୱଭାବ ପରିବର୍ତ୍ତନ ହେବା ସମ୍ଭବ ନୁହେଁ ସେମାନେ ଭୁଲ୍ କହିଥାନ୍ତି । ଆମେ ଦେଖୁଛୁ କେତେକ (ସରକାରୀ) କର୍ମଚାରୀ ଯେ ଲାଂଚ ନେବାରେ ଅଭ୍ୟସ୍ତ ଥିଲେ ଯେତେବେଳେ ସେମାନେ ତାହାକୁ ନିଷ୍ଠାର ସହ ବର୍ଜନ କଲେ ସେତେବେଳେ ତାଙ୍କୁ ଏକ ସୁନାର ପାହାଡ଼ ପ୍ରଦାନ କଲେ ମଧ୍ୟ ସେମାନେ ତାହାକୁ ନଜର ଉଠାଇ ଚାହିଁ ନଥାନ୍ତି ।

♦ହଜୁର ଅନଓ୍ୱର ଅ.ବ କହିଲେ- ସୁତରାଂ ଆଜିକାଲି ଏହି ଅଳସୁଆମିକୁ ଦୂର କରିବା ନିମନ୍ତେ ଅଲ୍ଲାଃତାଲା ବ୍ୟବସ୍ଥା କରିଦେଇଛନ୍ତି । ତେଣୁ ନିଜ ଚରିତ୍ରର ସୁଧାର ତଥା ଦୋଷତ୍ରୁଟି, ଅପକର୍ମରୁ ନିବୃତ ରହିବା ନିମନ୍ତେ ପ୍ରତ୍ୟେକଙ୍କୁ ଧ୍ୟାନ ଦେବା ଉଚିତ୍ । ଯଦି (ଏପରି ପାଶ୍ଚାତ୍ୟ ପରିବେଶରେ) ଏଥିପ୍ରତି ଧ୍ୟାନ ନଦିଆଯାଏ ତେବେ ଯେପରି କି ହଜରତ ମସିହ ମଉଦ ଆ.ସ କହିଛନ୍ତି ତୁମେ ବୃଦ୍ଧାବସ୍ଥାକୁ ଚାଲିଯିବ, ଯାହାପରେ ଜୀବନର ଅନ୍ତ ଘଟିଥାଏ ଏବଂ ଏପରି ତୁମେ ତକ୍‌ୱା ଶୂନ୍ୟ ହସ୍ତରେ ଅଲ୍ଲାଃତାଲାଙ୍କ ସମ୍ମୁଖରେ ହାଜର ହୋଇଯିବ ।

♦ହଜରତ ମସିହ ମଉଦ ଆ.ସ କୁହନ୍ତି- ପ୍ରତ୍ୟେକ ବ୍ୟକ୍ତି ଯେ ନିଜ ମନ୍ଦ ଚରିତ୍ର ପରିହାର କରି ଖରାପ ଅଭ୍ୟାସକୁ ବର୍ଜନ କରି ଉତ୍ତମ ଆଚରଣକୁ ଆପଣାଏ । ତାହା ହିଁ ଉକ୍ତ ବ୍ୟକ୍ତି ପାଇଁ ଚମତ୍କାର ଅଟେ । ଉଦାହରଣ ସ୍ୱରୂପ ଯଦି ଜଣେ ପ୍ରଚଣ୍ଡ କ୍ରୋଧିତ ଓ ଉତ୍ୟକ୍ତ ହେବା ଅଭ୍ୟାସ ପରିହାର କରି ନମ୍ରତା ଓ କ୍ଷମା ମାର୍ଗକୁ ଆପଣାଏ ତେବେ ନିଃସନ୍ଦେହ ଏହା ତାହାର ଚମତ୍କାର । ସେହିପରି କୃପଣତାର ଅଭ୍ୟାସକୁ ତ୍ୟାଗ କରି ଦାନ କରିବା, ଇର୍ଷା ତ୍ୟାଗ କରି ଦୟା ଆଚରଣ କରିବା ମଧ୍ୟ ଚମତ୍କାର ଅଟେ । ଏହିପରି ସ୍ୱାର୍ଥପର ଭାବନାକୁ ପରିତ୍ୟାଗ କରି ନମ୍ରତାକୁ ଆପଣାଇଲେ ତାହା ନମ୍ରତାର ଚମତ୍କାର ଅଟେ ।

♦ଖୁତବାର ଶେଷରେ ହଜୁର ଅନଓ୍ୱର ଅ.ବ କହିଲେ- ନମାଜ ଜୁମ୍ମା ପାଠ କରିବା ପରେ ମୁଁ ଦୁଇ ଗୋଟି ଜନାଯାଃ ଗାଏବ ମଧ୍ୟ ପାଠ କରାଇବି । ପ୍ରଥମ ଶ୍ରୀମାନ ଲତିଫୁର୍ ରହେମାନ୍ ମହେମୁଦ୍ ସାହେବ ପିତା ମିଆଁ ଅତାଉର୍ ରହେମାନ ସାହେବ ଆମେରିକା ନିବାସୀଙ୍କର ଅଟେ । ଯେ ଚଳିତ ମଇ ମାସ ୨୭ ତାରିଖରେ ଦେହତ୍ୟାଗ କଲେ **ଇନ୍ନା ଲିଲ୍ଲାହି ଓ୍ୱ ଇନ୍ନା ଇଲୈହି ରାଜେଉନ୍** । ଦ୍ୱିତୀୟ ଜନାଯାଃ ଶ୍ରୀମାନ ମିର୍ଜା ଉମର ଅହେମଦ୍ ସାହେବ ପିତା ଶ୍ରୀମାନ ଡ଼ାଃ ମିର୍ଜା ମନଓ୍ୱର୍ ଅହମେଦ୍ ସାହେବଙ୍କର ଅଟେ । ସେ ଚଳିତ ମାସ ୫ ତାରିଖ ଦିନ ଦୁଇ ଘଟିକା ସମୟରେ Tahir Heart Institute Rabwaରେ ୬୭ ବର୍ଷ ବୟସରେ ଦେହତ୍ୟାଗ କଲେ **ଇନ୍ନା ଲିଲ୍ଲାହି ଓ୍ୱ ଇନ୍ନା ଇଲୈହି ରାଜେଉନ୍** । ହଜୁର ଅନଓ୍ୱର ସେମାନଙ୍କ ଉତ୍ତମ ଚରିତ୍ରର ଚର୍ଚ୍ଚା କଲେ ଏବଂ ଯନାଜାଃ ଗାଏବ୍ ପାଠ କରାଇଲେ ।

## ସାରାଂଶ ଖୁତ୍‌ବା ଜୁମ୍ମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ [ଅ.ବ]
## (ପ୍ରଦତ୍ତ: ୦୯ ଜୁନ୍ ୨୦୧୭ ଅନୁଯାୟୀ ୦୯ ଏହ୍‌ସାନ୍ ୧୩୯୬ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعَالَمِيْنَ. اَلرَّحْمٰنِ الرَّحِيْمِ. مٰلِكِ يَوْمِ الدِّيْنِ. اِيَّاكَ نَعْبُدُ وَاِيَّاكَ نَسْتَعِيْنُ
اِهْدِنَا الصِّرَاطَ الْمُسْتَقِيْمَ. صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହୁଜୁର ଅନଓ୍ୱର ଅ:ବ କହିଲେ- ମୁଁ ବିଗତ ଖୁତବାରେ ଅଲ୍ଲାଃତାଲା ରୋଜା ଓ ରମଜାନର ଯେଉଁ ଉଦ୍ଦେଶ୍ୟ ଦର୍ଶାଇଛନ୍ତି କି ନିଜ ହୃଦୟରେ ଅଲ୍ଲାଃଙ୍କ ଭୟ (ତକ୍‌ୱା) ଉତ୍ପନ୍ନ କରିବା ଆବଶ୍ୟକ, ଚର୍ଚ୍ଚା କରିଥିଲି ଏବଂ ଏଥିସମ୍ବନ୍ଧିତ ହଜରତ ମସିହ ମଉଦ ଆ.ସଙ୍କ ତଥ୍ୟ ମଧ୍ୟ ଉପସ୍ଥାପନ କରିଥିଲି । ହଜରତ ମସିହ ମଉଦ ଆ.ସ ତକ୍‌ୱାକୁ ଆମ ହୃଦୟରେ ସ୍ଥାନ ଦେବା ନିମନ୍ତେ ବିଭିନ୍ନ ସ୍ଥାନରେ ବେଶ୍ ବିସ୍ତାର ଭାବରେ ବର୍ଣ୍ଣନା କରିଛନ୍ତି । ଯଦ୍ଦ୍ୱାରା ତାହାର ଗୁରୁତ୍ୱ ଆମମାନଙ୍କ ହୃଦୟରେ ପ୍ରବେଶ କରିଯିବ ଏବଂ ଆମ୍ଭର ପ୍ରତ୍ୟେକ କାର୍ଯ୍ୟ ଓ ବ୍ୟବହାରରେ ତାହା ପ୍ରତିଫଳିତ ହେବ । କାରଣ ଯଦି (ହୃଦୟରେ) ତକ୍‌ୱା ନାହିଁ ତେବେ କୌଣସି ପ୍ରକାରର ଉତ୍ତମ କର୍ମ ସମ୍ପାଦନ କରିବା ସମ୍ଭବ ନୁହେଁ । ଜଣେ କୌଣସି କାରଣ ବଶତ ଉତ୍ସାହିତ ହୋଇ କିମ୍ବା ସିମୀତ ସମୟର ଉତ୍ତେଜନାରେ ପ୍ରଭାବିତ ହୋଇ ସତ୍‌କର୍ମ ସମ୍ପାଦନ କରିଥାଏ । କିନ୍ତୁ ତାହାକୁ କ୍ରମାଗତ ଭାବରେ ବଜାୟ ରଖିପାରେ ନାହିଁ, କାରଣ ତାହାକୁ ବଜାୟ ରଖିବା ନିମନ୍ତେ ପ୍ରକୃତ ତକ୍‌ୱା ଲୋଡ଼ା । ହଜରତ ମସିହ ମଉଦ ଆ.ସ କୁହନ୍ତି- ତକ୍‌ୱାର ଅନେକ ଶାଖା ରହିଛି ସ୍ୱାର୍ଥପରତା, ଅବୈଧ ଧନ ଅର୍ଜନ ଓ ଅପକର୍ମ ଆଦିରୁ ନିବୃତ ରହିବା ମଧ୍ୟ ତକ୍‌ୱା ଅଟେ । ଯେଉଁ ବ୍ୟକ୍ତି ଉତ୍ତମ କର୍ମ କରିଥାଏ ତାହାର ଶତ୍ରୁ ମଧ୍ୟ ମିତ୍ର ପାଲଟିଯାଇଥାନ୍ତି । ଅଲ୍ଲାଃତାଲା କୁହନ୍ତି **ଇଦ୍‌ଫା ବିଲ୍ ଲତି ହିୟା ଅହସନ୍** ଯଦି ବିରୋଧି ଗାଳିଗୁଲଜ ମଧ୍ୟ କରେ ତଥାପି ତାହାର ଉତ୍ତର ସେହିପରି ଦେବା ଉଚିତ୍ ନୁହେଁ ବରଂ ଧୈର୍ଯ୍ୟ ରକ୍ଷା କରିବାର ଅଛି । ଯଦ୍ଦ୍ୱାରା ବିରୋଧି ତୁମ ଶ୍ରେଷ୍ଠତାର ସ୍ୱୀକାର କରି ନିଜେ ହିଁ ଅନୁତପ୍ତ ଓ ଲଜ୍ଜିତ ହେବ । ଏହି ଦଣ୍ଡ ସେହି ଦଣ୍ଡଠାରୁ ବେଶ୍ ଅଧିକ ଅଟେ

ଯାହାକି ତୁମେ ପ୍ରତିଶୋଧ ଅକାରରେ ତାହାକୁ ଦେଇଥାନ୍ତ ।

ହଜରତ ମସିହ ମଉଦ ଆ.ସ କୁହନ୍ତି- ଉତମ ଆଚରଣକୁ କେହି କେବଳ ନମ୍ରତା ପ୍ରଦର୍ଶନ କରିବା ମନେ ନକରନ୍ତୁ । ଦେଖ ଖଲକ୍ ଓ ଖୁଲକ୍ ଦୁଇଟି ଶବ୍ଦ କିନ୍ତୁ ଉଭୟର ଅର୍ଥ ଭିନ୍ନ ଭିନ୍ନ ଅଟେ । **ଖଲକ୍** ଅର୍ଥ ପ୍ରକୃତିର ସୃଷ୍ଟି ଯେପରି ଆମର କାନ, ନାକ, ବାଳ ଇତ୍ୟାଦି କିନ୍ତୁ **ଖୁଲକ୍** ଅଭ୍ୟନ୍ତରିଣ ଶକ୍ତି ଅଟେ । ଯାହାକି ମଣିଷ ଓ ଅମଣିଷ ମଧ୍ୟରେ ପାର୍ଥକ୍ୟ କରିଥାଏ ଏପରିକି ବୁଦ୍ଧି, ବିବେକ ତଥା ଚିନ୍ତା ଶକ୍ତି ମଧ୍ୟ ଖୁଲକ୍‌ର ଅନ୍ତର୍ଭୁକ୍ତ ଅଟେ ।

ଚରିତ୍ର (ଅଖଲାକ୍) କହିଲେ ଅଲ୍ଲାଃଙ୍କ ପ୍ରୀତିଭାଜନ ଲାଭ କରିବା ଅଟେ । ଏଥିପାଇଁ ଆବଶ୍ୟକ କି ଆମେ ହଜରତ ମହମ୍ମଦ ସ.ଆଙ୍କ ଜୀବନି ଆପଣାଇବାକୁ ଚେଷ୍ଟା କରିବା । ଦେଖ ଅଲ୍ଲାଃତାଲା ଆପଣଙ୍କ ସମ୍ବନ୍ଧରେ କହିଲେ- **ଇନ୍ନକା ଆଲା ଖୁଲୁକିନ୍ ଅଜିମ୍** ଯେ ପ୍ରତ୍ୟେକ କ୍ଷେତ୍ରରେ ନିଜର ଏଭଳି ଉଦାହରଣ ଛାଡ଼ିଯାଇଛନ୍ତି ଯାହାକି ସ୍ୱୟଂ ନିଜ ମଧ୍ୟରେ ଗୋଟିଏ ନମୁନା ଅଟେ । ଯାହାର ପ୍ରତ୍ୟେକ ମୋମିନ୍ ନିଜ ଶକ୍ତି ଓ ସାମର୍ଥ୍ୟ ମୁତାବକ ଅନୁକରଣ କରିବା, କର୍ତବ୍ୟ ଅଟେ । ଆପଣ କେତେବେଳେ ଜ୍ଞାନ ରୂପକ ରସାତ୍ମକ ବାଣୀ ଦ୍ୱାରା ଲୋକଙ୍କୁ ଆଚମ୍ଭିତ କରିଦେଉଥିଲେ ତ କେତେବେଳେ ତରୱାଲ ଯୋଗେ ଯୁଦ୍ଧ କ୍ଷେତ୍ରରେ ନିଜ ବିରତା ଓ ସାହସିକତାର ପ୍ରଦର୍ଶନ କରୁଥିଲେ । ପୁଣି କେତେବେଳେ ସୁନାର ପାହାଡ଼ ଦାନ କରି ନିଜର ଶ୍ରେଷ୍ଠତା ଓ ଗାରିମାର ନମୁନା ଦେଖାଇଛନ୍ତି । ଆଉ କେତେବେଳେ ଦୟା ଓ କ୍ଷମା ଆଚରଣ କରି ମୃତ୍ୟୁ ଦଣ୍ଡ ଦ୍ୱାରା ଦଣ୍ଡିତ ଦୋଷିକୁ ମୁକ୍ତ କରିଦେଇଛନ୍ତି । ତେବେ ଅଲ୍ଲାଃତାଲା ହଜରତ ମହମ୍ମଦ ସ.ଆଙ୍କର ଏହି ଅସାଧାରଣ ନମୁନାର ସର୍ବୋଚ୍ଚ ସ୍ତରକୁ ପହଂଚିଥିବା ଆଚରଣ ଆମମାନଙ୍କୁ ଦେଖାଇଦେଲେ । ଗୋଟିଏ ସମୟରେ ଆପଣଙ୍କ ନିକଟରେ ଏଭଳି ସଂଖ୍ୟାରେ ଛେଳି ମେଣ୍ଢା ଥିଲେ ଯେପରି କି ଇରାନ ଓ ରୋମର ରାଜାଙ୍କ ନିକଟରେ ମଧ୍ୟ ନଥିଲା କିନ୍ତୁ ତାହା ମଧ୍ୟ ଆପଣ ଜଣେ ଅଭାବି ବ୍ୟକ୍ତିକୁ ଦାନ କରିଦେଲେ । ଏହାକୁ କୁହନ୍ତି ଖୁଲକ୍ ଯଦି ଆପଣଙ୍କ ନିକଟରେ କିଛି ନଥାନ୍ତା ତେବେ କାହାରିକୁ ବା କ'ଣ ଦେଇଥାନ୍ତେ । ପୁଣି ଆଉ ଏକ ଦିଗ ରହିଛି ଏବଂ ତାହା ପ୍ରସାଶନିକ କ୍ଷମତା ସମ୍ପର୍ଣ୍ଣର ଦିଗ ଅଟେ । ଯଦି ଆପଣଙ୍କୁ କ୍ଷମତା ହାସଲ ହୋଇନଥାନ୍ତା ତେବେ କିଭଳି ପ୍ରମାଣିତ ହୋଇଥାନ୍ତା ଯେ, ମୃତ୍ୟୁ ଦଣ୍ଡ ଉପଯୋଗୀ ଅମାନ୍ୟକାରୀକୁ କ୍ଷମା କରିଦେଲେ । ଯେ ସାହାବା ତଥା ମୁସଲମାନ ମହିଳାମାନଙ୍କୁ ଏପରିକି ସ୍ୱୟଂ ହଜୁର ସ.ଆଙ୍କ ପରି ହସ୍ତିଙ୍କୁ କଠୋର କଷ୍ଟ ଓ ଦୁଃଖ ଦେଇଥିଲେ କିନ୍ତୁ ଯେତେବେଳେ ସେମାନେ ଆପଣଙ୍କ ସମ୍ମୁଖରେ ହାଜର କରାଗଲେ ସେତେବେଳେ ଆପଣ କହିଲେ- **ଲା ତସ୍‌ରିବା ଆଲୈକୁମ୍ ଅଲ୍ ୟୋମ୍** ସୁତରାଂ ଏସବୁ ସେହି ଅସାଧାରଣ ନମୁନା ଅଟେ ଯାହା ସଂକ୍ରାନ୍ତରେ ଅଲ୍ଲାଃ କହିଲେ ହେ ବିଶ୍ୱାସକାରୀମାନେ ! ତୁମେ ଏହି ରସୁଲଙ୍କର ଯେପର୍ଯ୍ୟନ୍ତ ସମ୍ଭବ ନିଜ ସାମର୍ଥ୍ୟ ମୁତାବକ ଅନୁକରଣ କର, ଏଥିପାଇଁ ଚେଷ୍ଟା କରିବା ଅନିର୍ବାର୍ଯ୍ୟ । ଅତଏବ ଏଥିସମ୍ବନ୍ଧରେ ହଜୁର ଆ.ସ କୁହନ୍ତି ଯେପର୍ଯ୍ୟନ୍ତ ଜଣେ ଚେଷ୍ଟା ଓ ଦୁଆ କରିନଥାଏ ତାହା ହୃଦୟରେ ଜମାଟ ବାନ୍ଧିଥିବା ଦ୍ୱେଷ ଦୂର ହେବା ଅସମ୍ଭବ । ଅଲ୍ଲାଃତାଲା କୁହନ୍ତି **ଇନ୍ନଲ୍ ଲାହା ଲାୟୁଗୈୟରୁ ମାବି କୌମିନ୍ ହତ୍‌ତା ୟୁଗୈୟରୁ ମାବି ଅନଫୁସିହିମ୍** ଅର୍ଥାତ ଅଲ୍ଲାଃ କଦାପି କୌଣସି ସମ୍ପ୍ରଦାୟର ଅବସ୍ଥାରେ ପରିବର୍ତନ କରନ୍ତି ନାହିଁ ଯେପର୍ଯ୍ୟନ୍ତ କି ସେମାନେ ନିଜ ଅନ୍ତରର ଅବସ୍ଥାକୁ ପରିବର୍ତନ କରି ନାହାନ୍ତି । ଏହା ଏକ ଅଲ୍ଲାଃଙ୍କର ଅପରିବର୍ତନୀୟ ସୁନ୍ନତ । ଯେପରି ପବିତ୍ର କୋରାନରେ ରହିଛି **ୱଲନ୍ ତଜିଦା ଲିସୁନ୍ନତଲ୍ ଲାହି ତବ୍‌ଦିଲା** । ସୁତରାଂ ଆମ ଜମାଅତ ହେଉ ଅବା ଅନ୍ୟ କେହି, ଜଣେ ନିଜର ଚରିତ୍ର ସେତେବେଳେ ପରିବର୍ତନ କରିପାରିବ ଯେତେବେଳେ ଚେଷ୍ଟା ଓ ଦୁଆ କରିଥାଏ, ନଚେତ୍ ଏହା ସମ୍ଭବ ନୁହେଁ ।

ହଜରତ ମସିହ ମଉଦ ଆ.ସ ଏଥିସମ୍ବନ୍ଧରେ କୁହନ୍ତି- ମଣିଷ ଯେଭଳି ମନ୍ଦ ଓ ନିଚ ପ୍ରକୃତିର ହେଉନା କାହିଁକି ଯଦି ନିଜ ସୁଧାର କରିବାକୁ ଚେଷ୍ଟା କରେ ତେବେ ତାହାର ସୁଧାର ସମ୍ଭବ । କିନ୍ତୁ ଏଥିନିମନ୍ତେ ଚେଷ୍ଟା କରିବା ଅନିର୍ବାର୍ଯ୍ୟ । ହଜୁର ଆ.ସ କୁହନ୍ତି ମୂଳ କଥା ହେଲା ଅଳସୁଆମି ଓ ଅବହେଳା ନକରି ଯଦି ଚେଷ୍ଟା କରାଯାଏ ତେବେ ନିଶ୍ଚିତ ପରିବର୍ତନ ଆସିଥାଏ । ଯେଉଁ ଜ୍ଞାନୀ ଓ ହାକିମମାନେ କହିଥାନ୍ତି କି ମଣିଷ ସ୍ୱଭାବ ପରିବର୍ତନ ହେବା ସମ୍ଭବ ନୁହେଁ ସେମାନେ ଭୁଲ୍ କହିଥାନ୍ତି । **ଆମେ ଦେଖୁଛୁ କେତେକ (ସରକାରୀ) କର୍ମଚାରୀ ଯେ ଲାଂଚ ନେବାରେ ଅଭ୍ୟସ୍ତ ଥିଲେ ଯେତେବେଳେ ସେମାନେ ତାହାକୁ ନିଷ୍ଠାର ସହ ବର୍ଜନ କଲେ ସେତେବେଳେ ତାଙ୍କୁ ଏକ ସୁନାର ପାହାଡ଼ ପ୍ରଦାନ କଲେ ମଧ୍ୟ ସେମାନେ ତାହାକୁ ନଜର ଉଠାଇ ଚାହିଁ ନଥାନ୍ତି ।**

ପୁନଃ ଆପଣ ଚରିତ୍ରର ସୁଧାର ପ୍ରତି ଧ୍ୟାନ ଆକର୍ଷିତ କରି କୁହନ୍ତି- ବୃର୍ଦ୍ଧାବସ୍ଥା ଦୁଇ ପ୍ରକାରର । ପ୍ରାକୃତିକ ଓ ଅପ୍ରାକୃତିକ । ପ୍ରାକୃତିକ ଶରୀରର ବୃଦ୍ଧାବସ୍ଥା ଅଟେ କିନ୍ତୁ ଅପ୍ରାକୃତିକ ଯେ ନିଜ ରୋଗରୁ ମୁକ୍ତି ପାଇବା ନିମନ୍ତେ ଚିନ୍ତା କରେ ନାହିଁ । ଦେଖ ଯଦି ରୋଗୀ ନିଜ ରୋଗ ପ୍ରତି ଧ୍ୟାନ ନଦିଏ ତେବେ ଦୁର୍ବଳ ହୋଇ ବୃଦ୍ଧାବସ୍ଥା ପୂର୍ବରୁ ହିଁ ବାର୍ଦ୍ଧକ୍ୟର ଯନଣା ଭୋଗ କରିଥାଏ । ଏହିପରି ଶରୀରର ଅଭ୍ୟନ୍ତର ଓ ଆଧ୍ୟାତ୍ମିକ ବ୍ୟବସ୍ଥା ଅଟେ । ଯଦି ଜଣେ ନିଜ ମନ୍ଦ ସ୍ୱଭାବକୁ ଉତମ ଓ ସୁନ୍ଦର ଚରିତ୍ରରେ ପରିବର୍ତନ କରିବାକୁ ଚେଷ୍ଟା ନକରେ ତେବେ ତାହାର ଚାରିତ୍ରିକ ଅବସ୍ଥା ସମ୍ପୂର୍ଣ୍ଣ ରୂପେ ତଳକୁ ଖସିଯାଇଥାଏ । ହଜରତ ମହମ୍ମଦ ସ.ଆଙ୍କ କଥନ ଓ ପବିତ୍ର କୋରାନର ଶିକ୍ଷାରୁ ଏହା ସ୍ପଷ୍ଟ ରୂପେ ପ୍ରମାଣିତ ଯେ, ପ୍ରତ୍ୟେକ ରୋଗର ଔଷଧ ରହିଛି କିନ୍ତୁ ଯଦି ମଣିଷ ଉପରେ ଅଳସୁଆମି ଓ ଅବହେଳା ବିଜୟ ପ୍ରାପ୍ତ କରିନିଏ ତେବେ ତାହାର ଧ୍ୱଂସ ହେବା ଛଡ଼ା ଆଉ ବା କ'ଣ ପରିଣାମ ହୋଇପାରେ ।

ହଜୁର ଅନୱର ଅ.ବ କହିଲେ- ସୁତରାଂ ଆଜିକାଲି ଏହି ଅଳସୁଆମିକୁ ଦୂର କରିବା ନିମନ୍ତେ ଅଲ୍ଲାଃତାଲା ବ୍ୟବସ୍ଥା କରିଦେଇଛନ୍ତି । ତେଣୁ ନିଜ ଚରିତ୍ରର ସୁଧାର ତଥା ଦୋଷତ୍ରୁଟି, ଅପକର୍ମରୁ ନିବୃତ ରହିବା ନିମନ୍ତେ ପ୍ରତ୍ୟେକଙ୍କୁ ଧ୍ୟାନ ଦେବା ଉଚିତ୍ । ଯଦି (ଏପରି ପାଶ୍ଚାତ୍ୟ ପରିବେଶରେ) ଏଥିପ୍ରତି ଧ୍ୟାନ ନଦିଆଯାଏ ତେବେ ଯେପରି କି ହଜରତ ମସିହ ମଉଦ ଆ.ସ କହିଛନ୍ତି ତୁମେ ବୃଦ୍ଧାବସ୍ଥାକୁ ଚାଲିଯିବ, ଯାହାପରେ ଜୀବନର ଅନ୍ତ ଘଟିଥାଏ ଏବଂ ଏପରି ତୁମେ ତକ୍‌ୱା ଶୂନ୍ୟ ହସ୍ତରେ ଅଲ୍ଲାଃତାଲାଙ୍କ ସମ୍ମୁଖରେ ହାଜର ହୋଇଯିବ ।

ପୁଣି ଉତମ ଚରିତ୍ର ଗଠନ ନିମନ୍ତେ କ୍ଷମା ପ୍ରାର୍ଥନା ପ୍ରତି ଧ୍ୟାନ ଆକର୍ଷିତ କରି ହଜୁର ଆ.ସ କୁହନ୍ତି- *ପ୍ରକୃତରେ କ୍ଷମା ପ୍ରାର୍ଥନା ଉତମ ଚରିତ୍ର ଗଠନରେ ଅତ୍ୟନ୍ତ ଫଳପ୍ରଦ ସାବ୍ୟସ୍ତ ହୋଇଥାଏ । ଏହା ମଣିଷକୁ ମନୁଷ୍ୟତାର ସର୍ବୋଚ୍ଚ ସ୍ତରରେ ନେଇ ପହଂଚାଇ ଦେଇଥାଏ ଅର୍ଥାତ ଯେ ନିଜର ମନ୍ଦ ପ୍ରବୃତି ବର୍ଜନ କରି ଉତମ ପୁରୁଷ ହେବାକୁ ଇଚ୍ଛା ପ୍ରକାଶ କରେ ତାହା ପାଇଁ ଆବଶ୍ୟକ କି ସେ ସ୍ୱଚ୍ଛ ହୃଦୟ ଏବଂ ଦୃଢ ମନୋବଳର ସହିତ କ୍ଷମା ପ୍ରାର୍ଥନା କରିବା ଉଚିତ୍ ଏବଂ ଏକଥା ମଧ୍ୟ ମନେରଖିବା ଉଚିତ୍ ଯେ, କ୍ଷମା ପ୍ରାର୍ଥନା ନିମନ୍ତେ ତିନୋଟି ସର୍ତ ରହିଛି* । ତାହା ବ୍ୟତୀତ ପ୍ରକୃତ କ୍ଷମା ପ୍ରାର୍ଥନା ଯାହାକୁ **ତୌବାତୁନ୍ ନୁସୁହ୍** କୁହାଯାଏ, ହାସଲ ହୋଇନଥାଏ

ଉକ୍ତ ତିନୋଟି ସର୍ତ ମଧ୍ୟରୁ ପ୍ରଥମ ସର୍ତ ଯାହାକୁ ଆରବୀରେ **ଇକ୍‌ଲା** କୁହନ୍ତି, ଏହା ଅଟେ କି ମନ୍ଦ ଚିନ୍ତା, ନକରାତ୍ମକ ଭାବନା ଆଦିକୁ ବର୍ଜନ କରିବା । ଉଦାହରଣସ୍ୱରୁପ ଯଦି ଜଣେ କୌଣସି ମହିଳା ସହ ଅବୈଦ୍ଧ ସମ୍ପର୍କ ରଖେ ତେବେ ତାହାକୁ କ୍ଷମା ପ୍ରାର୍ଥନା କରିବା ପୂର୍ବରୁ ପ୍ରଥମେ ଉକ୍ତ ମହିଳାର ସୌନ୍ଦର୍ଯ୍ୟକୁ ଅସୁନ୍ଦର ମନେକରିବାକୁ ହେବ ଏବଂ ତାହାର ସମସ୍ତ ମନ୍ଦ ପ୍ରବୃତି, ବଦ ଅଭ୍ୟାସ ଓ ଖରାପ ଗୁଣକୁ ହୃଦୟରେ ଆଙ୍କିବାକୁ ହେବ । କାରଣ ଯେପରିକି ମୁଁ କହି ଆସିଲି ଭାବନା ଓ କଳନାର ପ୍ରଭାବ ହୃଦୟ ଉପରେ ବେଶ୍ ଅଧିକ ପଡ଼ିଥାଏ । ମୁଁ ସୁଫିମାନଙ୍କ ରଚନା ପାଠ କରିଛି ଯେ କି ନିଜ କଳ୍ପନାକୁ ଏପରି ସ୍ତରରେ ନେଇ ପହଁଚାଇ ଦେଇଥାନ୍ତି କି ମଣିଷମାନେ ସେମାନଙ୍କୁ ମାଙ୍କଡ଼ ଓ ଘୁଷୁରି ପରି ଦେଖାଯାଇଥାନ୍ତି । **କହିବାର କଥା ହେଲା କି ମଣିଷ ନିଜ ଭାବନାର ଚିତ୍ରରେ ଯେଭଳି ରଙ୍ଗ ଦେଇଥାଏ ସେଥିରେ ସେହିପରି ରଙ୍ଗ ଚଢିଯାଏ** । ସୁତରାଂ ଯେଉଁ ଚିନ୍ତାଧାରା ଦ୍ୱେଷ ଓ ମନ୍ଦ ଅଟେ ତାହାର ମୂଳୋତ୍ପାଟନ କରିବା ପ୍ରଥମ ସର୍ତ ଅଟେ

ଦ୍ୱିତୀୟ ସର୍ତ ଅନୁତାପ ଅଟେ । ପାପ ଓ ଅପକର୍ମ କରିବା ଅନ୍ତେ ଅନୁତାପ ଓ ଦୁଃଖ ପ୍ରକାଶ କରିବା ସହିତ ଏପରି ମନେକରିବା ଉଚିତ୍ ଯେ, (ଉକ୍ତ ଅପକର୍ମର) ଆନନ୍ଦ କ୍ଷଣସ୍ଥାୟୀ । ପୁଣି ଏପରି ଚିନ୍ତା କରିବା କି ଉକ୍ତ ଅନନ୍ଦରେ ମୋର ଅବସ୍ଥାରେ ପ୍ରତିଦିନ ଅର୍ଦ୍ଧପତନ ଘଟୁଅଛି । ଏପରିକି ବୃଦ୍ଧାବସ୍ଥାରେ ଆସି ଶକ୍ତି ଓ ସାମର୍ଥ୍ୟ ବେକାର ଓ ଦୁର୍ବଳ ହୋଇଯାଇଥାଏ ଏବଂ ଶେଷରେ ସେ ଏ ସମସ୍ତ (ସାଂସାରିକ) ଆନନ୍ଦ ଉଲ୍ଲାସକୁ ଛାଡ଼ି ଚାଲିଯାଇଥାଏ । ଯଦି ଏସବୁକିଛି ଛାଡ଼ି ଚାଲିଯିବା ହିଁ ପରମ ସତ୍ୟ ତେବେ ତାହାକୁ ହାସଲ କରିବା ପାଇଁ ଚେଷ୍ଟା କରିବା କ'ଣ ବୃଥା ନୁହେଁ ? ଭାଗ୍ୟବାନ ସେ ଯେ କ୍ଷମା ପ୍ରାର୍ଥନା ପ୍ରତି ମନଯୋଗ କରେ । ଯାହା ଭିତରେ ପ୍ରଥମେ **ଇକ୍‌ଲା** ଚିନ୍ତାଧାରା ଉତ୍ପନ୍ନ ହୁଏ ଅର୍ଥାତ ମନ୍ଦଚିନ୍ତା, ଖରାପ ଭାବନାର ମୂଳୋତ୍ପାଟନ ହୁଏ ଏବଂ ସେ ଅପବିତ୍ରତାରୁ ମୁକ୍ତି ଲାଭ କରେ ସେତେବେଳେ ସେ ନିଜ ଅପକର୍ମରେ ଅନୁତପ୍ତ ହୋଇଥାଏ ।

ତୃତୀୟ ସର୍ତ ଦୃଢ ମନୋବଳ ଅର୍ଥାତ ଆସନ୍ତା ପାଇଁ ଅଟଳ ଓ ଦୃଢ ସଂଙ୍କଳ୍ପ କରିବା କି ପୁନଃ ଉକ୍ତ ଅପକର୍ମ କରିବି ନାହିଁ । **ହଜୁର ଆ.ସ କୁହନ୍ତି ଆମ ଜମାଅତ ପାଇଁ ଶକ୍ତିଶାଳି ଓ ବଳବାନ ଲୋକମାନଙ୍କର ଆବଶ୍ୟକତା ନାହିଁ ବରଂ ଏଭଳି ଦୃଢ ମନୋବଳ ସମ୍ପନ୍ନ ଲୋକେ ଆବଶ୍ୟକ ଯେ ନିଜ ଚରିତ୍ର ପରିବର୍ତନ ନିମନ୍ତେ ଚେଷ୍ଟା କରୁଥିବେ** । ଏହା ନିରାଟ ସତ୍ୟ ଯେ ଜଣେ ଯେଭଳି ଶକ୍ତିଶାଳୀ ହେଉ ନା କାହିଁକି ପାହାଡ଼କୁ ସ୍ଥାନଚ୍ୟୁତ କଦାପି କରିପାରିବ ନାହିଁ କିନ୍ତୁ ପ୍ରକୃତ ବଳବାନ ସେ ଯେ ନିଜ ଚରିତ୍ରରେ ପରିବର୍ତନ କରିବାର ସାମର୍ଥ୍ୟ ରଖିଥାଏ । ସୁତରାଂ ମନେରଖ ସମସ୍ତ ଶକ୍ତି ଓ ସାମର୍ଥ୍ୟ ଚରିତ୍ର ପରିବର୍ତନ କରିବାରେ ବିନିଯୋଗ କର କାରଣ ଏହା ହିଁ ପ୍ରକୃତ ବୀରତା ଓ ବାହାଦୁରୀ ।

ହଜରତ ମସିହ ମଉଦ ଆ.ସ କୁହନ୍ତି– ଉତମ ଚରିତ୍ରର ଅବସ୍ଥା ଏଭଳି ଚମ୍‌କାର, ଯାହା ଉପରେ କେହି ହେଲେ ଆଙ୍ଗୁଳି ନିକ୍ଷେପ କରି ପାରିନଥାନ୍ତି । ଏଥିପାଇଁ ଆମ୍ଭ ନବୀ ହଜରତ ମହମ୍ମଦ ମୁସ୍ତଫା ସ.ଆଙ୍କୁ ଉତମ ଚରିତ୍ରର ସର୍ବଶ୍ରେଷ୍ଠ ମାନ୍ୟତା ପ୍ରାପ୍ତ କରିଛନ୍ତି । ଯେପରିକି ଅଲ୍ଲାଃତାଲା କହିଲେ **ଇନ୍ନକା ଲାଅଲା ଖୁଲୁକିନ୍ ଅଜିମ୍** । ଏମିତି ତ ହଜରତ ମହମ୍ମଦ ସ.ଆ ପ୍ରତ୍ୟେକ କ୍ଷେତ୍ରରେ ସମସ୍ତ ଅବତାରଙ୍କ ମଧ୍ୟରେ ନିଦର୍ଶନ ଦେଖାଇବାରେ ସର୍ବଶ୍ରେଷ୍ଠ ସ୍ତର ହାସଲ କରିଛନ୍ତି କିନ୍ତୁ ଆପଣ ଉତମ ଆଚରଣ ପ୍ରଦର୍ଶନ କରିବାରେ ମଧ୍ୟ ସମସ୍ତଙ୍କ ମଧ୍ୟରେ ପ୍ରଥମ ଥିଲେ । ଯାହାର ଉଦାହରଣ ବିଶ୍ୱ ଇତିହାସରେ କୌଣସି ସ୍ଥାନରେ ଦେଖିବାକୁ ମିଳୁ ନାହିଁ ନା ଆସନ୍ତାରେ ଏପରି ଉଦାହରଣ କେହି ସୃଷ୍ଟି କରିପାରିବେ

ହଜରତ ମସିହ ମଉଦ ଆ.ସ କୁହନ୍ତି– ପ୍ରତ୍ୟେକ ବ୍ୟକ୍ତି ଯେ ନିଜ ମନ୍ଦ ଚରିତ୍ର ପରିହାର କରି ଖରାପ ଅଭ୍ୟାସକୁ ବର୍ଜନ କରି ଉତମ ଆଚରଣକୁ ଆପଣାଏ । ତାହା ହିଁ ଉକ୍ତ ବ୍ୟକ୍ତି ପାଇଁ ଚମତ୍କାର ଅଟେ । ଉଦାହରଣ ସ୍ୱରୂପ ଯଦି ଜଣେ ପ୍ରଚଣ୍ଡ କ୍ରୋଧିତ ଓ ଉତ୍ୟକ୍ତ ହେବା ଅଭ୍ୟାସ ପରିହାର କରି ନମ୍ରତା ଓ କ୍ଷମା ମାର୍ଗକୁ ଆପଣାଏ ତେବେ ନିଃସନ୍ଦେହ ଏହା ତାହାର ଚମତ୍କାର । ସେହିପରି କୃପଣତାର ଅଭ୍ୟାସକୁ ତ୍ୟାଗ କରି ଦାନ କରିବା, ଇର୍ଶା ତ୍ୟାଗ କରି ଦୟା ଆଚରଣ କରିବା ମଧ୍ୟ ଚମତ୍କାର ଅଟେ । ଏହିପରି ସ୍ୱାର୍ଥପର ଭାବନାକୁ ପରିତ୍ୟାଗ କରି ନମ୍ରତାକୁ ଆପଣାଇଲେ ତାହା ନମ୍ରତାର ଚମତ୍କାର ଅଟେ । ସୁତରାଂ ତୁମମାନଙ୍କ ମଧ୍ୟରୁ କିଏ ବା ନଚାହେଁ ଯେ, ସେ ଚମତ୍କାରୀ ପୁରୁଷ ହେଉ । ମୁଁ ଜାଣେ ପ୍ରତ୍ୟେକ ଉତମ ଚରିତ୍ର ସମ୍ପର୍ଣ୍ଣ ହେବାକୁ ଇଚ୍ଛା କରିଥାନ୍ତି କାରଣ ଏହା ଏକ ଏଭଳି ଚମତ୍କାର ଯାହାର ପ୍ରଭାବ କଦାପି ଦୂର ହୋଇନଥାଏ ବରଂ ତାହା ଦୂରଦୂରାନ୍ତର ପର୍ଯ୍ୟନ୍ତ ବ୍ୟାପିଥାଏ । ଆପଣ କୁହନ୍ତି ମୋମିନ୍ ନିମନ୍ତେ ଆବଶ୍ୟକ କି ସେ ସୃଷ୍ଟି ଓ ସ୍ରଷ୍ଟା ମଧ୍ୟରେ ଚମତ୍କାର ପ୍ରଦର୍ଶନକାରୀ ସାବ୍ୟସ୍ତ ହେବା ଉଚିତ୍ । ଅନେକ ବଦଅଭ୍ୟାସ ଓ ଅଏସ୍‌କାରୀ ଏପରିଥାନ୍ତି ଯେ, ନିଦର୍ଶନ ଦେଖିବା ସତ୍ୱେ (ରସୁଲଙ୍କୁ) ସ୍ୱୀକାର କରିନଥାନ୍ତି କିନ୍ତୁ ଉତମ ଚରିତ୍ର ଓ ଆଚରଣ ଦେଖି ସେମାନେ ପ୍ରଭାବିତ ହୋଇଥାନ୍ତି ଏବଂ ମୁଣ୍ଡ ନୁଆଇ ତାଙ୍କୁ ସ୍ୱୀକାର କରିଥାନ୍ତି । କାରଣ ଏହା ବ୍ୟତୀତ ସେମାନଙ୍କ ନିକଟରେ ଦ୍ୱିତୀୟ ପନ୍ଥା ହିଁ ନଥାଏ । ସୁତରାଂ ଅନେକ ଲୋକଙ୍କ ଜୀବନରେ ଏହା ଘଟିଥାଏ, ଯେ ଉତମ ଚରିତ୍ରର ଉଦାହରଣ ଦେଖି ସତ୍ (ଧର୍ମ) ସ୍ୱୀକାର କରିଥାନ୍ତି ।

ପୁଣି ବିଶ୍ୱାସ ଆଣିବାର ବିଭିନ୍ନ କାରଣ ଚର୍ଚ୍ଚା କରି ହଜୁର ଆ.ସ କୁହନ୍ତି– ଅବତାରଙ୍କ ମୁକାବିଲାରେ ଯେଉଁ ମନ୍ଦ ଲୋକମାନେ ଅଣା ଭିଡ଼ିଥାନ୍ତି ବିଶେଷ କରି ହଜରତ ମହମ୍ମଦ ସ.ଆଙ୍କ ବିରୋଧିମାନେ ଏବଂ ସେମାନଙ୍କର ହଜୁର ସ.ଆଙ୍କ ଉପରେ ବିଶ୍ୱାସ ଆଣିବା କୌଣସି ଚମତ୍କାର ଠାରୁ କମ୍ ନୁହେଁ । ସେମାନେ କୌଣସି ନିଦର୍ଶନ ଦେଖି ଇସଲାମ ପ୍ରତି ଢଳିନଥିଲେ ବରଂ ହଜୁର ସ.ଆଙ୍କର ଉତମ ଆଚରଣ ଦେଖି ଆପଣଙ୍କ ସତ୍ୟବାଦୀ ହେବା ସ୍ୱୀକାର କରିଥିଲେ । **ହଜୁର ଆ.ସ କୁହନ୍ତି ଯେଉଁ ବ୍ୟକ୍ତି କିସମ କିସମର ନିଦର୍ଶନ ଦେଖି ସନ୍ତୋଷ ଲାଭ କରିନଥାଏ ସେ ଉତମ ଚରିତ୍ର ଓ ଆଚରଣରେ ପ୍ରଭାବିତ ହୋଇଥାଏ** । କେତେକ ଲୋକ ନିଦର୍ଶନ ଦେଖି ବିଶ୍ୱାସ ଅଣିଥାନ୍ତି ତ ଆଉ କେତେକ ସତ୍ୟ ଓ ଧାର୍ମିକ ଶିକ୍ଷାରେ ଅନୁପ୍ରାଣିତ ହୋଇ ବିଶ୍ୱାସ ଆଣିଥାନ୍ତି । କିନ୍ତୁ ଅଧିକାଂଶ ଲୋକ ଏପରି ଥାନ୍ତି ଯେଉଁମାନେ ଉତମ ଚରିତ୍ରର ନମୁନା ଦେଖି ସନ୍ତୁଷ୍ଟ ହୋଇ ଉକ୍ତ ଧର୍ମକୁ ସ୍ୱୀକାର କରିନେଇଥାନ୍ତି ।

ହଜୁର ଅନଓ୍ୱର ଅ.ବ କହିଲେ– ଆଜି ମଧ୍ୟ ଏପରି ଅସଂଖ୍ୟ ଲୋକ ଜମାଅତରେ ସାମିଲ୍ ହେଉଛନ୍ତି ଯେଉଁମାନେ କି କୌଣସି ନା କୌଣସି ଅହେମଦିଙ୍କ ବ୍ୟବହାର କିମ୍ବା ଜମାଅତର ଆଚରଣର ଦ୍ୱାରା ପ୍ରଭାବିତ ହୋଇ ଅହେମଦି ହେଉଛନ୍ତି । ସୁତରାଂ ପ୍ରତ୍ୟେକ ଅହେମଦିଙ୍କୁ ନଜର ରଖିବା ଉଚିତ ଯେ ତାହାର ଚରିତ୍ର ଓ ଆଚରଣ କେବଳ ତକ୍‌ଓ୍ୱାରେ ଅଭିବୃଦ୍ଧି କରିବାର ନାହିଁ ବରଂ ଏହା ଏକ ଧାର୍ମିକ କର୍ତବ୍ୟ ଓ ଅନ୍ୟମାନଙ୍କ ସୁଧାରର ମାଧ୍ୟମ ଅଟେ । ସୁତରାଂ ପ୍ରତ୍ୟେକ ଅହେମଦିଙ୍କୁ ନିଜ ଚରିତ୍ର ପ୍ରତି ଦୃଷ୍ଟି ରଖିବା ଆବଶ୍ୟକ

ବିଶ୍ୱାସର ମାର୍ଗ ସଂକ୍ରାନ୍ତରେ ସ୍ପଷ୍ଟିକରଣ କରି ହଜରତ ମସିହ ମଉଦ ଆ.ସ କୁହନ୍ତି– ଅଲ୍ଲାଃତାଲାଙ୍କ ନିକଟରେ ନିଜର ସୁଧାର ନିମନ୍ତେ ପ୍ରାର୍ଥନା କରିବା ଓ ଏଥିନିମନ୍ତେ ପ୍ରୟାସ କରିବା ବିଶ୍ୱାସର ମାର୍ଗ ଅଟେ । ହଦିସରେ ଦରଜ ଅଛି ଯେଉଁ ବ୍ୟକ୍ତି ବିଶ୍ୱାସର ସହ ଦୁଆ ପାଇଁ ହାତ ଉଠାଇଥାଏ, ଅଲ୍ଲାଃତାଲା ତାହାର ଦୁଆ ଅସ୍ୱୀକାର କରିନଥାନ୍ତି । ଅତଏବ ଅଲ୍ଲାଃଙ୍କୁ ନିଷ୍ଠା ଓ ବିଶ୍ୱାସର ସହ ମାଗି ଚାଲିବା ଉଚିତ୍ । ଆପଣ କୁହନ୍ତି ମୋର ତୁମମାନଙ୍କୁ ଏହି ଉପଦେଶ କି ଉତମ ଆଚରଣ କରିବା ଦ୍ୱାରା ତୁମେ ନିଜର ଚମତ୍କାରିତା ପ୍ରତିପାଦନ କରିପାରିବ । ଦେଖ ପୃଥିବୀର ବିଭିନ୍ନ ଅଂଚଳରେ କୋଟି କୋଟି ମୁସଲମାନ ବସବାସ କରୁଛନ୍ତି କ'ଣ ସେମାନେ ତରଓ୍ୱାଲ ଓ ବଳ ପ୍ରୟୋଗ ଦ୍ୱାରା ମୁସଲମାନ ହୋଇଗଲେ ? ନା ଏହା ସମ୍ପୂର୍ଣ୍ଣ ଭୁଲ ଚିନ୍ତାଧାରା ବରଂ ଇସଲାମର ଚମତ୍କାରିତା ସେମାନଙ୍କୁ ତାହା ନିକଟକୁ ଟାଣିଆଣିଲା । ବଡ଼ ବଡ଼ ଇଂଗ୍ରେଜ ଗବେଷକମାନେ ଏକଥା ସ୍ୱୀକାର କରିବାକୁ ବାଧ୍ୟ ହୋଇଛନ୍ତି କି ଇସଲାମର ସତ୍ୟତାର ଶକ୍ତି ହିଁ ଅଣମୁସଲମାନମାନଙ୍କୁ ମୁସଲମାନ ହେବାକୁ ବାଧ୍ୟ କଲା ।

ପୁନଃ ହଜୁର ଆ.ସ କୁହନ୍ତି– ଚରିତ୍ର ମଧ୍ୟ ରିଜ୍‌କ୍ ପରି ଅଟେ । ତାହାର ପ୍ରକାଶ ଅଲ୍ଲାଃଙ୍କ ପ୍ରଦତ ରିଜ୍‌କ୍‌କୁ ଖର୍ଚ୍ଚ କରିବା ପରି ଅଟେ ଏବଂ ତାହା ତକ୍‌ଓ୍ୱାର ଗୋଟିଏ ଅଂଶ । ହଜୁର ଆ.ସ କୁହନ୍ତି ସାଧାରଣ ଲୋକେ ରିଜ୍‌କ୍‌ର ଅର୍ଥ ଖାଇବା ସାମଗ୍ରୀକୁ ମନେକରିଥାନ୍ତି । ଏହା ଭୁଲ୍ ଅଟେ, ମଣିଷ ଶରୀରରେ ଯେଉଁ ସମସ୍ତ ଶକ୍ତି ରହିଛି ଯେପରି ଜ୍ଞାନ କୌଶଳ, ଅନୁଧ୍ୟାନ କରିବାର ଶକ୍ତି ଆଦି ମଧ୍ୟ ରିଜ୍‌କ୍ ଅଟେ । ପୁଣି ମଣିଷର କାର୍ଯ୍ୟ ଦକ୍ଷତା, ଉତମ ଚରିତ୍ର, ଖାଦ୍ୟଶସ୍ୟ, ଧନ ସମ୍ପତି, ସୁଖ ଶାନ୍ତି ଇତ୍ୟାଦି ରିଜ୍‌କ୍‌ରେ ଅନ୍ତର୍ଭୁକ୍ତ ।

ମନେରଖ କେବଳ ସେହି ବ୍ୟକ୍ତି କୃପଣ ନୁହେଁ ଯେ ନିଜ ଧନ ସମ୍ପତିରୁ କାହାରିକୁ କିଛି ଦେବାକୁ କୁଣ୍ଠାବୋଧ କରିଥାଏ ବରଂ ଯାହାକୁ ଅଲ୍ଲାଃ କିଛି ଜ୍ଞାନ ପ୍ରଦାନ କରିଥାନ୍ତି ଏବଂ ସେ ଅନ୍ୟକୁ ଏହାର ଶିକ୍ଷା ଦେବାରେ ପଛଘୁଂଚା ଦିଏ ତାହା କେବଳ ଏଥିପାଇଁ କି ଯଦି ଅନ୍ୟକୁ ଶିଖାଇ ଦିଆଯାଏ ତେବେ ମୋର ଅସମ୍ମାନ ହେବ କିମ୍ବା ମୋ ଆମଦାନିରେ ଫରକ୍ ପଡ଼ିଯିବ, ଏହା ମଧ୍ୟ କୃପଣତା ଓ ଶିରକ୍ କରିବା ଅଟେ । କାରଣ ଏପରି ଅବସ୍ଥାରେ ସେ ନିଜ ଜ୍ଞାନ ଓ କାର୍ଯ୍ୟ ଦକ୍ଷତାକୁ ନିଜର ରାଜିକ୍ ଓ ଅଲ୍ଲାଃ ମଣିଥାଏ । ଏହିପରି ଯେ ଉତମ ବ୍ୟବହାର କରିନଥାଏ ସେ ମଧ୍ୟ କୃପଣ ଅଟେ । କାରଣ ଅଲ୍ଲାଃତାଲା

*ଅବଶିଷ୍ଟାଂଶ ପୃଷ୍ଠା– ୭ ରେ ଦେଖନ୍ତୁ.......*

*ପୃଷ୍ଠା-୨ ର ଅବଶିଷ୍ଟାଂଶ......*

କହିଲେ ଯେ ଶରିୟତ୍ କାନୁନ୍ କୋରାନ୍ ଏବଂ ହଦିସ୍ ଉପରେ ପରିବେଷ୍ଟିତ । ଯାହାର ପରିବର୍ତନ କରିବା ଅସମ୍ଭବ । ଏବଂ ଏହାର ନିୟମକାନୁନ୍‌କୁ ସୁପ୍ରିମ୍ କୋର୍ଟ ନିର୍ଦ୍ଧିଷ୍ଟ କରିପାରିବ ନାହିଁ । ବୋର୍ଡ଼ କହିଲା ଯେ ସାମାଜିକ ସଂସ୍କାର ନାମରେ ମୁସ୍‌ଲିମ୍ ପର୍ସନାଲ୍ ଲ ରେ କୌଣସି ପ୍ରକାରର ପରିବର୍ତନ କରାଯାଇପାରିବ ନାହିଁ । ତେଣୁ ସୁପ୍ରିମ୍ କୋର୍ଟକୁ ଦରକାର୍ ଯେ ଏହି ମୋକଦ୍ଦମାକୁ ଶେଷ କରିଦିଅନ୍ତୁ । ବୋର୍ଡ଼ କହିଲା ଯେ କୋରାନ୍ ଏବଂ ହଦିସ୍‌ର ଆଲୋକରେ ତିନି ତଲାକ ବୈଧ ଅଟେ । ପରନ୍ତୁ ହଲାଲା ଯେଉଁ ବର୍ତମାନ ସ୍ୱରୂପ ଅଛି ତାହା ଅଣ ଇସ୍‌ଲାମୀ ଓ ଅଣ ଶରୀୟତ୍ ଅଟେ । ପୁଣି କହିଲେ ଯେ ତିନି ତଲାକ୍ ବିଷୟରେ ବିଭିନ୍ନ ଦେଶରେ ପ୍ରଚଳିତ କାନୁନ୍‌କୁ ଆଧାର ହିସାବରେ ଗ୍ରହଣ କରାଯାଇପାରିବ ନାହିଁ ।

ଏହିପରି ଅଲ୍ ଇଣ୍ଡିଆ ମୁସ୍‌ଲିମ୍ ଓମେନ୍‌ସ୍ ପର୍ସନାଲ୍ ଲ ବୋର୍ଡ଼ ସୁପ୍ରିମ୍‌କୋର୍ଟରେ ଦାଖଲ ହୋଇଥିବା ସତ୍ୟପାଠ ଓ ତିନି ତଲାକ୍‌ର ସମର୍ଥନରେ ଉପସ୍ଥାପନ କରାଯାଇଥିବା ମୁସ୍‌ଲିମ୍ ପର୍ସନାଲ୍ ଲ ବୋର୍ଡ଼ର ମତ ଉପରେ ସମାଲୋଚନା କରି ତାର ବିରୋଧ କରିଛନ୍ତି ।

ମୁସ୍‌ଲିମ୍ ପର୍ସନାଲ୍ ଲ ର ପ୍ରତିରକ୍ଷା ପାଇଁ ଅଲ୍ ଇଣ୍ଡିଆ ମୁସ୍‌ଲିମ୍ ପର୍ସନାଲ୍ ଲ ବୋର୍ଡ଼ର ବହୁବାର ମିଟିଙ୍ଗ୍ ମଧ ହେଲା । ବୋର୍ଡ଼ ଭାରତର ବଡ଼ ବଡ଼ ସହରରେ ଯାଇ ମୁସ୍‌ଲିମ୍ ପର୍ସନାଲ୍ ଲ ର ହକ୍‌ରେ ବହୁତ ଗୁଡିଏ ବଡ଼ ବଡ଼ ଜଲ୍‌ସା କରି ମୁସଲ୍‌ମ୍ ଓ୍ୱଲେମାମାନଙ୍କର ଭାଷଣ କରାଇଛି । ଯେଉଁଥିରେ ଲୋକମାନଙ୍କୁ ଅପିଲ୍ କରାଯାଇଛି ଯେ ଅଧିକରୁ ଅଧିକ ଧର୍ମ ସମ୍ବନ୍ଧୀୟ ବିଷୟକୁ ଜାଣିବା ପାଇଁ ଜ୍ଞାନ ହାସଲ କର ଏବଂ ଏହା ମଧ ନିବେଦନ କରାଯାଇଛି ଯେ ମୁସଲ୍‌ମାନ ପୁରୁଷମାନେ ନିଜ ସ୍ତ୍ରୀ ମାନଙ୍କୁ ଗୋଟିଏ ବୈଠକରେ ତିନି ତଲାକ୍ ନଦିଅନ୍ତୁ । ଯଦ୍ୱାରା ଅନ୍ୟମାନଙ୍କୁ କହିବା ପାଇଁ ସୁଯୋଗ ମିଳିଯିବ । ପୁଣି ବୋର୍ଡ଼ ଏହା ଘୋଷଣା କଲା ଯେ ଗୋଟିଏ ବୈଠକରେ ତିନି ତଲାକ୍ ଦେଉଥିବା ବ୍ୟକ୍ତିମାନଙ୍କୁ ସାମାଜିକ ବାଇକାଟ୍ କରାଯାଉ । ବେଦାରି ମୁହିମ୍ (ଜାଗ୍ରତ ଅଭିଯାନ ଗୋଷ୍ଠୀ)ଙ୍କ ଜରିଆରେ ସ୍ତ୍ରୀ ଲୋକମାନେ ମଧ ବିଭିନ୍ନ ସ୍ଥାନରେ ଜଲ୍‌ସା କଲେ ।

ଅଲ୍ ଇଣ୍ଡିଆ ମୁସ୍‌ଲିମ୍ ପର୍ସନାଲ୍ ଲ ବୋର୍ଡ଼ ତରଫରୁ ପର୍ସନାଲ୍ ଲ ସପକ୍ଷରେ ଗୋଟିଏ ଦସ୍ତଖତ ଅଭିଯାନ ଜାରି କରାଗଲା ଯେଉଁଥିରେ ପାଂଚ କରୋଡ଼୍ ଲୋକଙ୍କର ଦସ୍ତଖତ ନିଆଗଲା । ସେମାନଙ୍କ ମଧ୍ୟରୁ ୨,୭୫,୦୦୦ ମହିଳା ମାନଙ୍କର ଦସ୍ତଖତ ନିଆଗଲା । ଏହି ଅଭିଯାନ ଏଇଥିପାଇଁ କରାଗଲା ଯଦ୍ୱାରା ସରକାରଙ୍କୁ ଜଣାଇ ଦିଆଯିବ ଯେ ମୁସଲ୍‌ମାନ୍‌ମାନେ ମୁସ୍‌ଲିମ୍ ପର୍ସନାଲ୍ ଲ ରେ କୌଣସି ପ୍ରକାର ପରିବର୍ତନ ଚାହୁଁନାହାଁନ୍ତି ।

ଯମିଅତୁଲ୍ ଓ୍ୱଲେମା ହିନ୍ଦ୍‌ର ଜେନେରାଲ୍ ସେକ୍ରେଟାରୀ ମୌଲାନା ମହମୁଦ୍ ମଦନୀର ସଭାପତିତ୍ୱରେ ଯମିଅତୁଲ୍ ଲ ଇନ୍‌ଷ୍ଟିଚ୍ୟୁଟ୍‌ର ସ୍ଥାପନା କରାଗଲା । ଯେଉଁଥିରେ ତିନି ତଲାକ୍ ଇତ୍ୟାଦି ସମସ୍ୟାକୁ ନେଇ ମୁସଲ୍‌ମାନ୍ ମାନଙ୍କୁ ଯେପରି ଟାର୍ଗେଟ କରାଯାଉଛି ସେଥିରୁ ଉତମ ରୂପେ ବର୍ତାଯାଇପାରିବ । ଏ.ଏମ୍ ଅହେମଦୀ ପୂର୍ବତନ ଚିଫ୍ ଜଷ୍ଟିସ୍ ଏହି ସଭାରେ ତିନି ତଲାକ୍ ବାବଦରେ କହିଲେ ଯେ ''ଏଥିରେ ସମସ୍ତଙ୍କୁ ମୁଣ୍ଡ ଏକାଠି କରି ବସିବାକୁ ପଡ଼ିବ ଏବଂ ଏକାଠି ହୋଇ ନିଷ୍ପତି ନେବାକୁ ହେବ ଏବଂ ଏହାର କୌଣସି ନା କୌଣସି ସମସ୍ୟାର ସମାଧାନ ବାହାର କରିବାକୁ ହେବ'' । ଜଷ୍ଟିସ୍ ଏ.ଏମ୍ ଅହେମଦୀଙ୍କର ଏହି ବୟାନ୍ ଉପରେ ଚିନ୍ତା କରିବା ଆବଶ୍ୟକ ।

୧୧ ମଇ ୨୦୧୭ କୁ ସୁପ୍ରିମ୍‌କୋର୍ଟରେ ପୁଣି ଶୁଣାଣି ଆରମ୍ଭ ହୋଇଛି । ପାଂଚଜଣିଆ କମିଟି ଏହା ସ୍ପଷ୍ଟ କରିଛନ୍ତି ଯେ ଶୁଣାଣି କେବଳ ତିନି ତଲାକ୍ ଉପରେ ହେବ । ହଁ ଯଦି ଆବଶ୍ୟକ ପଡ଼େ ହଲାଲା ଉପରେ ମଧ ଶୁଣାଣି ହେବ । ଶୁଣାଣି ସମୟରେ ପାଂଚଜଣିଆ କମିଟି କହିଲେ ଯେ ଯଦି ଆମକୁ ତିନି ତଲାକ ଧର୍ମ ସମ୍ପର୍କୀୟ ବୋଲି ଲାଗେ ତେବେ ଆମେ ଏଥିରେ ଦଖଲ ଦେବୁ ନାହିଁ । ୧୧ ମଇ ର ଶୁଣାଣିରେ ଚିଫ୍ ଜଷ୍ଟିସ୍ ତିନି ତଲାକ୍ ବିଷୟରେ ଏପରି କିଛି ପ୍ରଶ୍ନ ପଚାରିଲେ । କହିଲେ କଣ ତିନି ତଲାକ୍ ଇସ୍‌ଲାମ୍‌ର ଅଭିନ୍ନ ଅଙ୍ଗ ଅଟେ ? କଣ ଅଦାଲତ ଏଥିରେ ଦଖଲ ଦେଇପାରିବ ? କଣ ତିନି ତଲାକ୍‌କୁ ମୁକଦ୍ଦସ୍ (ପବିତ୍ର) ମାନି ହେବ ? ଏବଂ କଣ ଏହା ଦ୍ୱାରା ବୁନିଆଦି ଅଧିକାରର ବିରୁଦ୍ଧାଚରଣ ହେଉଅଛି ? ତା ପରଦିନ ୧୨ ମଇ ର ଶୁଣାଣିରେ ଜେ.ଏସ୍. ଖେହର୍‌ଙ୍କ ସଭାପତିତ୍ୱରେ ପାଂଚଜଣିଆ କମିଟି ଆଲୋଚନା କରି କହିଲେ ଯେ ତିନି ତଲାକ୍ ବିବାହ ବନ୍ଧନରୁ ଅଲଗା ହେବାପାଇଁ ସବୁଠାରୁ ଖରାପ ଓ ଅପସନ୍ଦ ତରିକା ଅଟେ । ଶୁଣାଣିର ଆଗକୁ କେନ୍ଦ୍ର ତରଫରୁ ଦଲିଲ୍ ଉପସ୍ଥାପନ କରି ଆଟର୍ନି ଜେନେରାଲ୍ ମୁକୁଲ୍ ରୋହତଗି କହିଲେ ଯେ ଯଦି ସାଉଦିଆରବ୍, ଇରାନ୍, ଇରାକ୍ ଇତ୍ୟାଦି ୨୫ ଟି ଦେଶରେ ତିନି ତଲାକ୍ ଶେଷ ହୋଇପାରେ ତେବେ ଭାରତରେ ଏହା କାହିଁକି ହୋଇପାରିବ ନାହିଁ । ପାଂଚଜଣିଆ କମିଟି ତିନିତଲାକ୍ ଉପରେ ଶୁଣାଣି ସମ୍ପୂର୍ଣ୍ଣ କରିସାରିଛନ୍ତି ଏବଂ ନିଷ୍ପତିକୁ ସୁରକ୍ଷା ରଖିଛନ୍ତି । ପର୍ସନାଲ୍ ଲ ବୋର୍ଡ଼ର ଜେନେରାଲ୍ ସେକ୍ରେଟାରୀ ମୌଲାନା ଓ୍ୱଲି ରହେମାନି କହିଲେ ଯେ ଅଦାଲତ୍‌ର ଯାହାବି ନିଷ୍ପତି ହେବ ଆମେ ତାକୁ ମାନିବୁ ।

ଦେଶରେ ପାଖାପାଖି ଏକବର୍ଷ ହେବ ଲାଗିରହିଥିବା ଏହି ଯୁଦ୍ଧର ଆମେ ସଂକ୍ଷିପ୍ତରେ ତାର କିଛି ବର୍ଣ୍ଣନା କରିବା ପରେ ଆମେ ଆସନ୍ତା ସଂଖ୍ୟାରେ ଇନ୍‌ଶା ଆଲାଃ ନିଜର ଅସଲ ମୁଦା ବର୍ଣ୍ଣନା କରିବୁ । ଅର୍ଥାତ୍ ଗୋଟିଏ ବୈଠକରେ ତିନି ତଲାକ୍‌ର ଶରିୟତି କାନୁନ୍ କଣ ? (କ୍ରମଶଃ...)

ଋଋଋଋ ଋଋଋଋ ଋଋଋଋ

## ଯମାତର ଖିଦ୍‌ମତ୍ (ସେବା) କରିବା ପାଇଁ ଇଚ୍ଛୁକ ବ୍ୟକ୍ତି ଧ୍ୟାନ ଦିଅନ୍ତୁ !

ସଦର ଅଞ୍ଜୁମାନ୍ ଅହେମଦୀୟା କାଦିଆନ୍‌ର କେତେଗୁଡିଏ ଦଫତର୍‌ରେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଆବଶ୍ୟକ ଅଛି । ଯେଉଁ ବନ୍ଧୁମାନେ ସଦର ଅଞ୍ଜୁମାନ୍ ଅହେମଦୀୟାରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ରୂପେ ଖିଦ୍‌ମତ୍ କରିବା ପାଇଁ ଇଚ୍ଛୁକ ସେମାନେ ନିମ୍ନଲିଖିତ ସର୍ତାବଳୀ ମୁତାବକ ଦରଖାସ୍ତ କରିପାରିବେ ।

(୧) ଇଚ୍ଛୁକ ପ୍ରାର୍ଥୀଙ୍କ ପାଇଁ ଶିକ୍ଷାର କୌଣସି ସର୍ତ ନାହିଁ ।

(୨) ପ୍ରାର୍ଥୀଙ୍କ ବୟସ ୨୫ ବର୍ଷରୁ କମ୍ ହୋଇଥିବ । ଜନ୍ମ ପ୍ରମାଣପତ୍ର ଉପସ୍ଥାପନ କରିବା ଜରୁରୀ ଅଟେ ।

(୩) ସେହି ପ୍ରାର୍ଥୀମାନଙ୍କୁ ଖିଦ୍‌ମତ୍ ପାଇଁ ଚୟନ କରାଯିବ ଯେଉଁମାନେ କର୍ମଚାରୀ ନିଯୁକ୍ତ ବୋର୍ଡ଼ ଦ୍ୱାରା ଇଂଟର୍‌ଭିଉରେ କୃତକାର୍ଯ୍ୟ ହେବେ ।

(୪) ସେହି ପ୍ରାର୍ଥୀ ଖିଦ୍‌ମତ୍ କରିବା ପାଇଁ ଚୟନ ହେବେ ଯେଉଁମାନେ ନୁର୍ ହସ୍‌ପିଟାଲ୍ କାଦିଆନ୍‌ର ମେଡ଼ିକାଲ୍ ବୋର୍ଡ଼ ରିପୋର୍ଟ ମୁତାବକ ସ୍ୱାସ୍ଥ୍ୟବାନ୍ ଓ ନିରୋଗୀ ହୋଇଥିବେ ।

(୫) କାଦିଆନ୍ ଯିବା ଆସିବାର ରାସ୍ତା ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ ।

(୬) ଯଦି କୌଣସି ପ୍ରାର୍ଥୀଙ୍କ ଚୟନ ହୁଏ ଏହି ପରିସ୍ଥିତିରେ ସେ କାଦିଆନ୍‌ରେ ରହିବାର ବ୍ୟବସ୍ଥା ନିଜେ କରିବେ ।

(ସମ୍ପୃକ୍ତ ଦରଖାସ୍ତ ଫର୍ମ ଦିଓ୍ୱାନ୍ ସଦର୍ ଅଞ୍ଜୁମାନ୍ ଅହେମଦୀୟାଙ୍କ ଠାରୁ ପ୍ରାପ୍ତ କରିପାରିବେ । ଏହି ଘୋଷଣାର ଦୁଇମାସ ଭିତରେ ଯେଉଁ ଦରଖାସ୍ତ ଆସିବ ତା ଉପରେ ଚିନ୍ତା କରାଯିବ)

(ନାଜର୍ ଦିଓ୍ୱାନ୍ ସଦର୍ ଅଞ୍ଜୁମାନ୍ ଅହେମଦୀୟା କାଦିଆନ୍)

**ଅଧିକ ଜାଣିବା ପାଇଁ ଯୋଗାଯୋଗ କରିପାରିବେ:-**

ଦଫ୍‌ତର୍ : ୦୧୮୭୨-୫୦୧୧୩୦

ମୋବାଇଲ୍ : ୦୯୮୧୫୪୩୩୭୬୦

e-mail : nazaratdiwanqdn@gmail.com

**b b b b b b b b b b b b**

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷରସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

ପୃଷ୍ଠା-୫ ର ଅବଶିଷ୍ଟାଂଶ.......

ତୁମକୁ ଅନ୍ୟମାନଙ୍କ ସହ ଉତମ ଆଚରଣ କରିବାର ଯେଉଁ ଶକ୍ତି ପ୍ରଦାନ କରିଛନ୍ତି ତାହା ଅଲ୍ଲାଃଙ୍କ ସୃଷ୍ଟି ସହ ପ୍ରଦର୍ଶନ କରିବା ଅନିବାର୍ଯ୍ୟ । ଅନ୍ୟମାନେ ତୁମର ସେହି ଉତମ ଆଚରଣ ଓ ନମୁନା ଦେଖି ଅନୁପ୍ରାଣିତ ହୋଇଥାନ୍ତି ଏବଂ ସେହିପରି ଉତମ କର୍ମ କରିବାକୁ ଚେଷ୍ଟା କରିଥାନ୍ତି ।

ଉତମ ଆଚରଣ ଅର୍ଥ କେବଳ ଏତିକି ନୁହେଁ ଯେ କହିବାରେ ଶାଳିନତା କିମ୍ବା ସୁନ୍ଦର ଶବ୍ଦ ସଂଯୋଗ କରି ମଧୁର କଥା କହିବା ବରଂ ସାହସ, ଲାଜ କରିବା, ନମ୍ରତା ଇତ୍ୟାଦି ଯେଭଳି ମଣିଷକୁ ପ୍ରଦାନ କରାଯାଇଥାଏ ସେସବୁ ଚରିତ୍ର ଗଠନକାରୀ ଶକ୍ତି ଅଟେ । ସେଗୁଡ଼ିକ ଉଚିତ ସ୍ଥାନେ କାର୍ଯ୍ୟକାରୀ କରିବା ହିଁ ଉତମ ଚରିତ୍ର ସମ୍ପର୍ଣ୍ଣ ବ୍ୟକ୍ତିତ୍ୱର ପ୍ରମାଣ ଦେଇଥାଏ ।

ହଜରତ ମସିହ ମଉଦ ଆ.ସ ନିଜ ମାନ୍ୟକାରୀମାନଙ୍କ ମଧ୍ୟରେ ଉତମ ଚରିତ୍ର ଓ ଉତମ ପରିବର୍ତନ ଆଣିବା ସମ୍ବନ୍ଧରେ ଉପଦେଶ ଦେଇ କୁହନ୍ତି ଯେ ନିଜ ପଡ଼ୋଶୀଙ୍କୁ ନିଜ ଭିତରେ ପରିବର୍ତନ ଆଣିଥିବାର ପ୍ରମାଣ ଦେଇଥାଏ କି ପୂର୍ବେ ସେ ଯେପରି ଥିଲା ବର୍ତମାନ ସେହିପରି ନାହିଁ ତେବେ ସେ ଚମତ୍କାର ପ୍ରଦର୍ଶନ କରୁଅଛି । ଏହା ତାହାର ପଡ଼ୋଶୀ ଉପରେ ବେଶ୍ ଉଚ୍ଚମାନର ପ୍ରଭାବ ପକାଇଥାଏ । ଯେତେବେଳେ ଜଣେ କୌଣସି ଦଳରେ ଯୋଗଦିଏ ଏବଂ ତାହାର ସମ୍ମାନ ରକ୍ଷା ପ୍ରତି ଧ୍ୟାନ ଦିଏ ନାହିଁ ଓ ତାହାର ଆଦେଶ ଉଲଙ୍ଘନ କରେ ତେବେ ଏପରି ବ୍ୟକ୍ତି ଅଲ୍ଲାଃଙ୍କ ନିକଟରେ ଦୋଷି ହୋଇଥାଏ । ସେ କେବଳ ନିଜକୁ ଧ୍ୱଂସ କରିନଥାଏ ବରଂ ଅନ୍ୟମାନଙ୍କ ପାଇଁ ଏକ ଖରାପ ନମୁନା ସାବ୍ୟସ୍ତ ହୋଇ, ସେମାନଙ୍କୁ ଭାଗ୍ୟବାନ ଓ ସତ୍‌ପଥ ପ୍ରାପ୍ତିରୁ ବଂଚିତ ରଖିଥାଏ । ଅତଏବ ଯେପର୍ଯ୍ୟନ୍ତ ତୁମର ସାମର୍ଥ୍ୟ ଅଛି ଅଲ୍ଲାଃତାଲାଙ୍କ ଠାରୁ ସାହାର୍ଯ୍ୟ ଭିକ୍ଷା କର ଓ ପୂର୍ଣ୍ଣ ସାମର୍ଥ୍ୟ ବିନିଯୋଗ କରି ନିଜର ଦୋଷ ଦୁର୍ବଳତା ଦୂର କରିବାକୁ ଚେଷ୍ଟା କର । ଯେଉଁସ୍ଥଳେ ଥକିପଡ଼ ସେଠାରେ ସତ୍ୟ ଓ ନିଷ୍ଠାର ସହ ହାତ ଉଠାଅ କାରଣ ବିନମ୍ରତାର ସହ ଉଠାଯାଇଥିବା ହାତ ଅଲ୍ଲାଃଙ୍କ ଦରବାରରୁ ଶୂନ୍ୟ ହସ୍ତରେ ଫେରିନଥାଏ । ମୁଁ ନିଜ ଅଭିଜ୍ଞତାରୁ କହୁଅଛି ମୋର ଏପରି ସହସ୍ର ଦୁଆ ସ୍ୱୀକାର ହୋଇଛି ଓ ହୋଇଚାଲିଛି । ଆପଣ କୁହନ୍ତି ଏହା ନିରାଟ ସତ୍ୟ ଯେ ଯେଉଁ ବ୍ୟକ୍ତି ନିଜ ସନ୍ତାନମାନଙ୍କ ପ୍ରତି ସହାନୁଭୂତି ରଖିନଥାଏ, ସେ କୃପଣ ଅଟେ । ଯଦି ମୁଁ ଗୋଟିଏ ଉତମ ଓ ସୁନ୍ଦର ମାର୍ଗ ଦେଖେ ତେବେ ମୋର କର୍ତବ୍ୟ ଯେ ମୁଁ ଚିତ୍କାର କରି କରି ଲୋକମାନଙ୍କୁ ସେହି ପଥ ଆଡ଼କୁ ଡ଼ାକିବି ଏବଂ ଏଥିପ୍ରତି ଚିନ୍ତିତ ହେବାର ନାହିଁ କି କେହି ତଦନୁଯାୟୀ ଅମଳ କରୁଅଛି କି ନାହିଁ

ସୁତରାଂ ଆମ୍ଭର ପ୍ରତ୍ୟେକ ଅମଳ ଏହାର ପ୍ରମାଣ ଦେବା ଉଚିତ୍ ଯେ ଆମ୍ଭେ ହଜୁର ଆ.ସଙ୍କ ବୟତ କରିବାପରେ ନିଜ ଭିତରେ କିଭଳି ପବିତ୍ର ପରିବର୍ତନ କରିଛେ । ପୁଣି ଲୋକମାନଙ୍କୁ ଏଥି ସମ୍ବନ୍ଧରେ ଅବଗତ ମଧ୍ୟ କରିବାର ଅଛି କାରଣ ଏହା ଧର୍ମ ପ୍ରଚାରର ମାଧ୍ୟମ ଅଟେ । ଅଲ୍ଲାଃତାଲା ଆମ୍ଭକୁ ତକ୍‌ୱାର ମାର୍ଗରେ ପରିଚାଳିତ ହୋଇ ନିଜ ଚରିତ୍ରରେ ପବିତ୍ର ପରିବର୍ତନ ଅଣିବା ସହିତ ହଜରତ ମହମ୍ମଦ ସ.ଆଙ୍କ ଉତମ ଚରିତ୍ର ନିଜ ସମ୍ମୁଖରେ ରଖି ସର୍ବଦା ଉତମ ଆଚରଣ ପ୍ରଦର୍ଶନ କରିବାର ଶକ୍ତି ପ୍ରଦାନ କରନ୍ତୁ । ଆମେ ହଜରତ ମସିହ ମଉଦ ଆ.ସଙ୍କ ଇଚ୍ଛା ମୁତାବକ ନିଜ ଜୀବନ ଅତିବାହିତ କରୁ । ଖୁତବାର ଶେଷରେ ହଜୁର ଅନୱର ଅ.ବ କହିଲେ- ନମାଜ ଜୁମ୍ମା ପାଠ କରିବା ପରେ ମୁଁ ଦୁଇ ଗୋଟି ଜନାଯାଃ ଗାଏବ ମଧ୍ୟ ପାଠ କରାଇବି । ପ୍ରଥମ ଶ୍ରୀମାନ ଲତିଫୁର୍ ରହେମାନ୍ ମହେମୁଦ୍ ସାହେବ ପିତା ମିଆଁ ଅତାଉର୍ ରହେମାନ ସାହେବ ଆମେରିକା ନିବାସୀଙ୍କର ଅଟେ । ଯେ ଚଳିତ ମଇ ମାସ ୨୭ ତାରିଖରେ ଦେହତ୍ୟାଗ କଲେ **ଇନ୍ନା ଲିଲ୍ଲାହି ୱ ଇନ୍ନା ଇଲୈହି ରାଜେଉନ୍** । ଦ୍ୱିତୀୟ ଜନାଯାଃ ଶ୍ରୀମାନ ମିର୍ଜା ଉମର ଅହେମଦ୍ ସାହେବ ପିତା ଶ୍ରୀମାନ ଡ଼ାଃ ମିର୍ଜା ମନୱ୍‌ର୍ ଅହେମେଦ୍ ସାହେବଙ୍କର ଅଟେ । ସେ ଚଳିତ ମାସ ୫ ତାରିଖ ଦିନ ଦୁଇ ଘଟିକା ସମୟରେ Tahir Heart Institute Rabwaରେ ୬୭ ବର୍ଷ ବୟସରେ ଦେହତ୍ୟାଗ କଲେ **ଇନ୍ନା ଲିଲ୍ଲାହି ୱ ଇନ୍ନା ଇଲୈହି ରାଜେଉନ୍** । ହଜୁର ଅନୱର ସେମାନଙ୍କ ଉତମ ଚରିତ୍ରର ଚର୍ଚ୍ଚା କଲେ ।

## ଜାମିଆ ଅହେମଦୀୟା କାଦିଆନ୍‌ରେ ନାମଲେଖା

ଜାମିଆ ଅହେମଦୀୟା କାଦିଆନ୍ ହଜରତ୍ ମସିହ୍ ମଉଦ୍ ଆ:ସଙ୍କ ଦ୍ୱାରା ସ୍ଥାପିତ ସେହି ପବିତ୍ର ସଂସ୍ଥା ଅଟେ ଯେଉଁଥିରୁ ଏପର୍ଯ୍ୟନ୍ତ ଶହ ଶହ ଓ୍ଵଲେମା ଓ ମୋବଲିଗିନେକରାମ୍ ବିଦ୍ୟା ଅର୍ଜନ କରି ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷାକୁ ଦୁନିଆର କୋଣ ଅନୁକୋଣରେ ପହଂଚାଇବାର ଦାୟିତ୍ୱ ବହନ କରିଚାଲିଛନ୍ତି । ସୟଦ୍‌ନା ହଜୁର ଅନୱ୍‌ର୍ ଅ:ବ:ଅ ଅନେକ ସମୟରେ ଅହେମଦୀ ଶିକ୍ଷାର୍ଥୀଙ୍କୁ ହଜରତ୍ ମସିହ୍ ମଉଦ୍ ଆ:ସଙ୍କ ଦ୍ୱାରା ସ୍ଥାପିତ ଏହି ପବିତ୍ର ଧର୍ମୀୟ ସଂସ୍ଥାରେ ଶିକ୍ଷା ଗ୍ରହଣ କରି ସିଲ୍‌ସିଲାର ସେବା କରିବା ପାଇଁ ଧ୍ୟାନ ଆକର୍ଷଣ କରାଇଛନ୍ତି । ସୁତରାଂ ସୟଦ୍‌ନା ହଜୁର୍ ଅନୱ୍‌ର୍ ଅ:ବ:ଅ ଙ୍କ ନିର୍ଦ୍ଦେଶାନୁସାରେ ଅଧିକରୁ ଅଧିକ ଓ୍ଵାକିଫିନେ ନୌ ଏବଂ ଅନ୍ୟ ଶିକ୍ଷାର୍ଥୀମାନଙ୍କୁ ଜାମିଆ ଅହେମଦୀୟାରେ ନାମଲେଖାଇ ଧର୍ମୀୟ ଶିକ୍ଷା ହାସଲ କରି ସିଲ୍‌ସିଲାର ଖିଦ୍‌ମତ୍ ପାଇଁ ନିଜକୁ ପେସ୍ କରିବା ଉଚିତ୍ । ତେଣୁ ସେହି ଶିକ୍ଷାର୍ଥୀମାନେ ଯିଏ ଜାମିଆ ଅହେମଦୀୟାରେ ନାମ ଲେଖାଇବା ପାଇଁ ଚାହୁଁଛନ୍ତି ସେମାନେ ଓ୍ଵକ୍‌ଫେ ନୌ ଭାରତ (ନଜାରତ୍ ତାଲିମ୍) ବିଭାଗ ସହିତ ସମ୍ପର୍କ କରନ୍ତୁ । ଏବଂ ଯଥା ଶିଘ୍ର ଜାମିଆ ଅହେମଦୀୟାର ନାମ ଲେଖା ଫର୍ମ୍ ପୁରଣ କରି ଓ୍ଵକ୍‌ଫେ ନୌ ଭାରତ (ନଜାରତ୍ ତାଲିମ୍) କାର୍ଯ୍ୟାଳୟକୁ ପଠାନ୍ତୁ । ସୟଦ୍‌ନା ହଜୁର୍ ଅନୱ୍‌ର୍‌ଙ୍କ ମଞ୍ଜୁରୀରେ ଏହି ବର୍ଷର ଜାମଆ ଅହେମଦୀୟାରେ ନାମ ଲେଖାର କାର୍ଯ୍ୟକ୍ରମ ଅପ୍ରେଲ୍ ମାସଠାରୁ ଆରମ୍ଭ ହେଉଅଛି । ଜାମିଆ ଅହେମଦୀୟାରେ ନାମ ଲେଖାଇବା ପାଇଁ ଇଚ୍ଛୁକ ଶିକ୍ଷାର୍ଥୀ ମେଟ୍ରିକ୍ ଏବଂ +୨ ର ପରୀକ୍ଷା ଶେଷ କରି ଫଳ ବାହାରିବା ପୂର୍ବରୁ ମଧ୍ୟ ଅପ୍ରେଲ, ମଇ, ଜୁନ୍ ଓ ଜୁଲାଇ ମାସରେ କାଦିଆନ୍ ଆସି ଜାମିଆ ଅହେମଦୀୟାର ପ୍ରବେଶ ପରୀକ୍ଷା ଦେଇପାରିବେ । ମାଟ୍ରିକ୍ ଏବଂ +୨ ଫଳ ବାହାରିବା ପରେ ମାର୍କସିଟ୍ ଦାଖଲ କରିପାରିବେ । ନାମଲେଖା ପାଇଁ ସର୍ତାବଳୀ ନିମ୍ନରେ ଦିଆଗଲା-

**(୧)** ମେଟ୍ରିକ୍ ପାସ୍ କରିଥିବା ଶିକ୍ଷାର୍ଥୀଙ୍କ ନିମନ୍ତେ ବୟସ ସୀମା ୧୭ ବର୍ଷ ଏବଂ +୨ ପାସ୍ କରିଥିବା ଶିକ୍ଷାର୍ଥୀଙ୍କ ନିମନ୍ତେ ୧୯ ବର୍ଷ ଅଟେ । ବୟସ ସୀମାରେ ହୁଫାଜ୍ (ଯେଉଁମାନେ କୋରାନ୍ ହିଫଜ୍ କରିଥିବେ) କରାମ୍‌ଙ୍କ ନିମନ୍ତେ କୋହଳ ହୋଇପାରିବ ।

**(୨)** ଜାମିଆ ଅହେମଦୀୟାରେ ନାମ ଲେଖା ପାଇଁ ନ୍ୟାସିନ୍ୟାଲ୍ କ୍ୟାରିୟର୍ ପ୍ଲାନିଂ କମିଟି ଓ୍ଵକ୍‌ଫେ ନୌ ଭାରତ ଶିକ୍ଷାର୍ଥୀଙ୍କର ଇଂଟରଭ୍ୟୁ ଓ ଲିଖିତ ପରୀକ୍ଷା ନେବେ ଏବଂ ଜାମିଆ ଅହେମଦୀୟା ପାଇଁ ଚୟନ କରିବେ । ଲିଖିତ ପରୀକ୍ଷାରେ ପବିତ୍ର କୋରାନ୍, ଇସ୍‌ଲାମୀୟ ଅହେମଦୀୟତ୍, ଦୀନୀ ମାଲୁମାତ୍, ଉର୍ଦ୍ଦୁ, ଇଂରାଜୀ ଏବଂ ଜେନେରାଲ୍ ନଲେଜ୍ ସମ୍ପର୍କୀୟ ପ୍ରଶ୍ନମାନ ହେବ ।

**(୩)** ଲିଖିତ ପରୀକ୍ଷା ଓ ଇଂଟରଭ୍ୟୁରେ ସଫଳ ହୋଇଥିବା ଶିକ୍ଷାର୍ଥୀଙ୍କର ନୁର୍ ହସ୍‌ପିଟାଲ୍ କାଦିଆନ୍‌ରେ ମେଡିକାଲ୍ ଟେଷ୍ଟ୍ କରାଯିବ । ଲିଖିତ ପରୀକ୍ଷା, ଇଂଟରଭ୍ୟୁ ଓ ମେଡିକାଲ୍ ଟେଷ୍ଟରେ ପାସ୍ କରିଥିବା ଶିକ୍ଷାର୍ଥୀଙ୍କୁ ସୟଦ୍‌ନା ହଜୁର୍ ଅନୱ୍‌ର୍‌ଙ୍କ ମଞ୍ଜୁରୀ ଦ୍ୱାରା ଜାମିଆ ଅହେମଦୀୟାରେ ନାମ ଲେଖାଇ ଦିଆଯିବ ।

**(୪)** ଗ୍ରାଜୁଏସନ୍ ପାସ୍ କରିଥିବା ଶିକ୍ଷାର୍ଥୀଙ୍କୁ ଜାମିଆ ଅହେମଦୀୟାରେ ନାମ ଲେଖାପାଇଁ ଅଗ୍ରାଧିକାର ଦିଆଯିବ ।

ଜିଲାଇ ଅମିର୍ ସାହେବ୍, ଅମିର୍ ଜମାତ୍, ସଦର୍ ଜମାତ୍, ମୋବୋଲ୍ଲିଗିନ୍ ଏବଂ ମୁଅଲ୍ଲିମିନ୍‌କରାମ୍ ଙ୍କୁ ଅନୁରୋଧ କରାଯାଉଛି ଯେ ସିଲ୍‌ସିଲାର ସେବା କରିବା ପାଇଁ ଇଚ୍ଛୁକ ଓ ପୁଣ୍ୟ ପ୍ରତି ଢ଼ଳୁଥିବା ଶିକ୍ଷାର୍ଥୀମାନଙ୍କୁ ଚୟନ କରି ସେମାନଙ୍କୁ ଜାମିଆ ଅହେମଦୀୟାରେ ନାମ ଲେଖାଇବା ପାଇଁ ପ୍ରସ୍ତୁତି କରାନ୍ତୁ ଏବଂ ଯଥାଶିଘ୍ର ଏପରି ଶିକ୍ଷାର୍ଥୀଙ୍କ ନାମ ଲେଖା ଫର୍ମ ପୁରଣ କରାଇ ଓ୍ଵକ୍‌ଫେ ନୌ ଭାରତ କାର୍ଯ୍ୟାଳୟକୁ ପଠାନ୍ତୁ ।

**ନାମଲେଖା ଫର୍ମ ଇମେଲ୍ ଦ୍ୱାରା ମଗାଇବା ପାଇଁ ଠିକଣା**

qdnwaqfenau@gmail.com

Incharge Waqf-e-Nau Department

Office Waqf-e-Nau India (Nazarat Taleem)

M.T.A Building, Civil Line, Qadian

Dist-Gurdaspur, Punjab, India (PIN-143516)

Contact :- 01872-500975, 9988991775

(ନାଜର୍ ତାଲିମ୍ ଏବଂ ସଦର୍ ନ୍ୟାସନାଲ୍ କ୍ୟାରିୟର୍ ପ୍ଲାନିଂ କମିଟି ଓ୍ଵକ୍‌ଫେ ନୌ ଭାରତ)

*ପୃଷ୍ଠା-୧୨ ର ଅବଶିଷ୍ଟାଂଶ.......*

ଅହେମଦୀୟା ଜର୍ମାନୀ, ଶ୍ରୀମାନ୍ ଡ଼ାଃ ଅତହର୍ ଜୁବେର୍ ସାହେବ, ଶ୍ରୀମାନ୍ ଅବ୍‌ଦୁଲା ସପ୍‌ରା ସାହେବ ଏବଂ ଶ୍ରୀମାନ୍ ହମାଦ୍ ଅହେମଦ୍ ସାହେବ ମୋହତମିମ୍ ଉମୁମି ଖୁଦାମୁଲ୍ ଅହେମଦୀୟା ଜର୍ମାନୀ ନିଜର ଖୁଦାମ୍ ସିକ୍ୟୁରିଟି ଟିମ୍‌ଙ୍କ ସହିତ ନିଜର ଶ୍ରଦ୍ଧେୟ ଆକାଙ୍କୁ ସ୍ୱାଗତ କରିବା ପାଇଁ ଉପସ୍ଥିତ ଥିଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ଗାଡ଼ିରୁ ବାହାରିବା କ୍ଷଣି ମୋକରମ୍ ଅବ୍‌ଦୁଲା ୱାଗସ୍ ହାଉଜର୍ ସାହେବ ଅମୀର୍ ଯମାତ୍ ଜର୍ମାନୀ ଏବଂ ମୋକରମ୍ ହଇଦର୍ ଅଲୀ ଜଫର୍ ସାହେବ ମୋବୋଲିଗ୍ ଇନ୍‌ଚାର୍ଜ ଜର୍ମାନୀ ଏବଂ ଜର୍ମାନୀରୁ ଆସିଥିବା ଓଫଦ୍‌ର ଅନ୍ୟ ସଭ୍ୟବୃନ୍ଦ ନିଜ ଶ୍ରଦ୍ଧେୟ ଆକାଙ୍କ ସହିତ କରମର୍ଦ୍ଦନ କରିବାର ସୌଭାଗ୍ୟ ପାଇଲେ । ତତ୍‌ପରେ ଏଠାରୁ ଆଗକୁ ଯାତ୍ରା ଆରମ୍ଭ ହେଲା । ଜର୍ମାନୀରୁ ଆସିଥିବା ତିନୋଟି ଗାଡ଼ି ମଧ୍ୟରୁ ଗୋଟିଏ ଗାଡ଼ି କାଫ୍‌ଲାକୁ ଏସ୍‌କର୍ଟ କଲା । ଏବଂ ବାକି ଖୁଦାମ୍‌ଙ୍କର ଦୁଇଟି ଗାଡ଼ି କାଫ୍‌ଲାର ପଛରେ ଥିଲେ । କାଲାସିସ୍‌ରୁ ୫୫ କି.ମି ଦୂରତା ଯାତ୍ରା କରିବା ପରେ ଫ୍ରାନ୍‌ସର ବର୍ଡ଼ର କ୍ରସ୍ କରି ବେଲ୍‌ଜିୟମ୍ ଦେଶରେ ଦାଖିଲ୍ ହେଲେ । ପ୍ରୋଗ୍ରାମ୍ ମୁତାବକ ବର୍ଡ଼ର କ୍ରସ୍ କରିବା ପରେ ଆଉ ୫୫ କି.ମି. ମୋଟର୍ ୱେ ଉପରେ ଗୋଟିଏ ରେଷ୍ଟୁରାଂଟ୍ ହୋଟେଲ୍ ବ୍ରଜ୍ ଓଷ୍ଟକ୍ୟାମ୍ପ୍‌ରେ ନମାଜ ଜୋହର୍ ଓ ଅସର୍‌ର ପଢ଼ିବାର ବ୍ୟବସ୍ଥା ଓ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଇଥିଲା । ପାଖାପାଖି ୩ ଟା ବେଳେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ଏଠାରେ ପଦାର୍ପଣ କଲେ । ନମାଜ ଜୋହର୍ ୱ ଅସର୍ ପଢ଼ିବାର ବ୍ୟବସ୍ଥା ହୋଟେଲ୍‌ର ଗୋଟିଏ ଅଲଗା ହଲ୍‌ରେ କରାଯାଇଥିଲା । ହଜୁର୍ ଅନୁଓ୍ୱର୍ ଅ:ବ:ଅ ନମାଜ ଜୋହର୍ ଓ ଅସର୍ ପଢ଼ାଇଲେ । ନମାଜ ଓ ମଧ୍ୟାହ୍ନ ଭୋଜନ ପରେ ୪:୩୦ ସମୟରେ ଫ୍ରାଂକ୍‌ଫୋର୍ଟ ପାଇଁ ଯାତ୍ରା ଆରମ୍ଭ ହେଲା । ବେଲ୍‌ଜିୟମ୍‌ରେ ୨୨୩ କି.ମି ଯାତ୍ରା ଅତିକ୍ରମ କରିବା ପରେ ବେଲ୍‌ଜିୟମ୍‌ର ବର୍ଡ଼ର କ୍ରସ୍ କରି ଜର୍ମାନୀରେ ସୀମାରେ ଦାଖିଲ୍ ହେଲେ । ଏଠାରୁ ଦଶ ମିନିଟ୍‌ର ଯାତ୍ରାର ଦୂରତାରେ ଜର୍ମାନୀର ସହର ଆଖନ ଅବସ୍ଥିତ । ଏଠାରେ ଗୋଟିଏ ରେଷ୍ଟୁରାଂଟ୍‌ର ପାର୍କିଂ ଏରିଆରେ କିଛି ସମୟ ପାଇଁ ରହିଲେ । ଏଠାରୁ ଫ୍ରାଂକ୍‌ଫୋର୍ଟର ଦୂରତା ୩୬୦ କି.ମି. । ପାଖାପାଖି ଦୁଇ ଘଂଟା ଯାତ୍ରା କରିବା ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଯମାତ୍ ଅହେମଦୀୟା ଜର୍ମାନୀର ମର୍କଜ୍ ବୈତୁସବୁହ ଫ୍ରାଂକ୍‌ଫୋର୍ଟରେ ଶୁଭାଗମନ ହେଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ବାହାରକୁ ବାହାରିବା କ୍ଷଣି ଫ୍ରାଂକ୍‌ଫୋର୍ଟ ଏବଂ ଏହାର ଆଖପାଖର ଯମାତ୍ ଏବଂ ଜର୍ମାନୀର ବିଭିନ୍ନ ଯମାତ୍‌ରୁ ଆସିଥିବା ଅହେମଦୀ ପୁରୁଷ ଓ ସ୍ତ୍ରୀ ଓ ପୁଅ ଝିଅ ମାନେ ନିଜର ପ୍ରିୟ ଆକାଙ୍କୁ ଉତ୍ସାହିତ ହୋଇ ସ୍ୱାଗତ କଲେ । ପୁଅ ଝିଅମାନେ ଗୋଟିଏ ରଙ୍ଗର ଡ୍ରେସ୍ ପିନ୍ଧି ବିଭିନ୍ନ ଗ୍ରୁପ୍‌ରେ ନଜମ୍ ପାଠ କରି ସ୍ୱାଗତ ଜଣାଇଲେ । ମୋକରମ୍ ଇଦ୍‌ରିସ୍ ଅହେମଦ୍ ସାହେବ ଲୋକାଲ୍ ଅମିର୍ ଫ୍ରାଂକ୍‌ଫୋର୍ଟ ଏବ ମୋକରମ୍ ମହମ୍ମଦ୍ ଅଶରଫ୍ ଜିଆ ସାହେବ ମୋବୋଲିଗ୍ ସିଲ୍‌ସିଲା ଫ୍ରାଂକ୍‌ଫୋର୍ଟ ଏବଂ ମୋକରମ୍ ଅବ୍‌ଦୁସ୍ ସମି ସାହେବ ସୋବା ଜାଏଦାଦ୍ ବୈତୁଲ୍‌ସବୁହୁ ହଜୁର ଅନୁଓ୍ୱରଙ୍କୁ ସ୍ୱାଗତମ ଜଣାଇ କରମର୍ଦ୍ଦନର ସୌଭାଗ୍ୟ ପ୍ରାପ୍ତି କଲେ । ନିଜର ପ୍ରିୟ ଆକାଙ୍କ ସ୍ୱାଗତ କରିବାକୁ ଆସିଥିବା ଏହି ଲୋକମାନେ ଫ୍ରାଂକ୍‌ଫୋର୍ଟ ସହରର ବିଭିନ୍ନ ହଲ୍‌କା ବ୍ୟତୀତ ନିମ୍ନଲିଖିତ ଯମାତ୍‌ରୁ ମଧ୍ୟ ଆସିଥିଲେ ।

| | |
|---|---|
| Wiesbaden | Gross Gerau |
| Russelsheim | Bad Homburg |
| Hanau | Raunheim |
| Oberurssel | Maintal |
| Escborm | Morfelden |
| - | Friedberg |

ନିଜ ପ୍ରିୟ ଆକାଙ୍କ ସ୍ୱାଗତ କରିବା ପାଇଁ ଏମାନେ ବହୁ ଦୂରରୁ ଯାତ୍ରା କରି ଆସିଥିଲେ । କୋବ୍‌ଲଜ୍‌ରୁ ୧୩୦ କି.ମି., କୋଲନ୍‌ରୁ ୧୭୦ କି.ମି. ଏବଂ ନମ୍‌ବର୍ଗରୁ ୩୫୦ କି.ମି ଦୂରତାର ଯାତ୍ରା ଅତିକ୍ରମ କରି ଏମାନେ ପହଂଚିଥିଲେ । ଏହି ସ୍ୱାଗତ କରିବାକୁ ଆସିଥିବା ଲୋକମାନଙ୍କର ସଂଖ୍ୟା ୧୬୦୦ ରୁ ଅଧିକ ଥିଲା ।

ହଜୁର୍ ଅନୁଓ୍ୱର୍ ନିଜର ହାତ ଉଠାଇ ସମସ୍ତଙ୍କୁ ଅସ୍‌ସଲାମ୍ ଆଲୈକୁମ୍ କହିଲେ ଏବଂ ଦୁଇ ଧାଡ଼ି ମଧ୍ୟରେ ଅତିକ୍ରମ କରି ନିଜର ରହିବା ସ୍ଥାନକୁ ପଦାର୍ପଣ କଲେ । ସଂଧ୍ୟା ୯:୪୫ ମିନିଟ୍‌ରେ ହଜୁର୍ ଅନୁଓ୍ୱର୍ ନମାଜ ମଗ୍‌ରିବ୍ ଏବଂ ଇସା ଜମା କରି ପାଠ କରାଇଲେ । ନମାଜ୍ ପରେ ହଜୁର୍ ଅନୁଓ୍ୱର ନିଜର ରହିବା ସ୍ଥଳିକୁ ପ୍ରତ୍ୟାଗମନ କଲେ ।

ହଜୁର୍ ଅନୁଓ୍ୱର୍‌ଙ୍କ ସ୍ୱାଗତ ପାଇଁ ଆସିଥିବା ସମସ୍ତ ଲୋକେ ହଜୁର୍ ଅନୁଓ୍ୱର୍‌ଙ୍କ ପଛରେ ନମାଜ ପାଠ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ସେମାନଙ୍କ ମଧ୍ୟରୁ ଗୋଟିଏ ବଡ଼ ସଂଖ୍ୟା ସେମାନଙ୍କର ଥିଲା ଯେଉଁମାନେ ଏହିବର୍ଷ ପାକିସ୍ତାନ୍‌ରୁ କୌଣସି ନା କୌଣସି ମାଧ୍ୟମରେ ଏଠାରେ ପହଂଚିଛନ୍ତି । ଏହା ତାଙ୍କ ଜୀବନର ପ୍ରିୟ ଆକାଙ୍କ ପଛରେ ପ୍ରଥମ ନମାଜ ପାଠ ଥିଲା । ଏମାନେ ସମସ୍ତେ ବହୁତ ଆନନ୍ଦିତ ଥିଲେ । ଅଲ୍ଲାଃତାଲା ତାଙ୍କୁ ଏବଂ ଆମ ସମସ୍ତଙ୍କୁ ଏହି ସୌଭାଗ୍ୟ ଏବଂ ଏହି ବର୍‌କତ୍ ଏବଂ ଏହି ଆଧ୍ୟାତ୍ମିକ ପୁରସ୍କାରକୁ ମୋବାରକ୍ କରନ୍ତୁ । ଆମର ଆସନ୍ତା ପିଢ଼ି ଏବଂ ସନ୍ତାନ ମାନେ ମଧ୍ୟ ଏହି ଐଶ୍ୱରିୟ ପୁରସ୍କାରରୁ ସର୍ବଦା ଲାଭାନ୍ୱିତ ହୁଅନ୍ତୁ । ଆମିନ୍ !

ꕤꕤꕤꕤ

## ୯ ଏପ୍ରିଲ୍ ୨୦୧୭ (ରବିବାର)

ହଜୁର୍ ଅନୁଓ୍ୱର୍ ଅ:ବ:ଅ ସକାଳ ୫:୪୫ ମିନିଟ୍‌ର ମସ୍‌ଜିଦ୍‌ରେ ପଦାର୍ପଣ କରି ନମାଜ ଫଜର୍ ପଢ଼ାଇଲେ । ନମାଜ ପରେ ନିଜର ରହିବା ସ୍ଥଳକୁ ପ୍ରତ୍ୟାଗମନ କଲେ । ସକାଳେ ହଜୁର୍ ଅନୁଓ୍ୱର୍ ଦଫ୍‌ତର୍‌ର କାର୍ଯ୍ୟରେ ବ୍ୟସ୍ତ ରହିଲେ ।

### ଫ୍ୟାମିଲି ସାକ୍ଷାତ୍‌କାର

ପ୍ରୋଗ୍ରାମ୍ ମୁତାବକ ୧୧:୩୦ ସମୟରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଦଫ୍‌ତର୍‌ରେ ପହଂଚିଲେ ଏବଂ ଫ୍ୟାମିଲି ସାକ୍ଷାତ୍‌କାର୍‌ର ପ୍ରୋଗ୍ରାମ୍ ଆରମ୍ଭ ହେଲା । ଆଜି ସକାଳୁ ପ୍ରଥମ ସେଶନ୍‌ରେ ୩୮ ଫ୍ୟାମିଲିର ୧୪୩ ଜଣ ବ୍ୟକ୍ତି ନିଜ ପ୍ରିୟ ଆକାଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଏହି ଫ୍ୟାମିଲି ଗୁଡିକ ଜର୍ମାନୀର ୩୫ ଟି ବିଭିନ୍ନ ଜମାତରୁ ଆସି ଏଠାରେ ପହଂଚିଥିଲେ । ସେଥି ମଧ୍ୟରୁ କିଛି ଫ୍ୟାମିଲି ବହୁତ ଲମ୍ବା ଦୂରତା ଅତିକ୍ରମ କରି ଆସିଥିଲେ ।

Waiblingin ରୁ ୨୩୦ କି.ମି., Recklinghausen ରୁ ୨୪୦ କି.ମି., Munster ରୁ ୨୬୦ କି.ମି., Balingen ରୁ ୨୮୦ କି.ମି., Hannover ରୁ ୩୪୦ କି.ମି., Leipzig ରୁ ୩୮୦ କି.ମି., Oldenburg ଓ Delmenhorst ରୁ ୪୩୦ କି.ମି., Harburg ରୁ ୪୭୦ କି.ମି. ଏବଂ Berlin ସହରରୁ ୫୫୦ କି.ମି. ଲମ୍ବା ବ୍ୟବଧାନ ଅତିକ୍ରମ କରି ଲୋକମାନେ ନିଜ ପ୍ରିୟ ଆକାଙ୍କ ସହିତ ସାକ୍ଷାତ କରିବା ପାଇଁ ପହଂଚିଥିଲେ । ବାହାର ଦେଶ କ୍ରୋରୋସିଆରୁ ଆସିଥିବା ଫ୍ୟାମିଲିମାନେ ମଧ୍ୟ ସାକ୍ଷାତ କରିବାର ସୌଭାଗ୍ୟ ପାଇଲେ ।

ଆଜି ସାକ୍ଷାତ୍ କରିଥିବା ଫ୍ୟାମିଲି ମାନଙ୍କ ମଧ୍ୟରୁ ବହୁତ ବଡ଼ ସଂଖ୍ୟା ପାକିସ୍ତାନ୍‌ରୁ ଏଠାକୁ ଆସିଛନ୍ତି ଏବଂ ନିଜ ଜୀବନରେ ପ୍ରଥମ ଥର ପାଇଁ ନିଜ ପ୍ରିୟ ଆକାଙ୍କ ସହିତ ସାକ୍ଷାତକାର କରିଛନ୍ତି । ସେମାନେ ଏହି କିଛି ସମୟ ନିଜ ପ୍ରିୟ ଆକାଙ୍କ ସହିତ ବିତାଇଥିବାରୁ ବହୁତ ଆନନ୍ଦିତ । ଯେପରି ଏହା ତାଙ୍କ ସାରା ଜୀବନର ସମ୍ପତି ଥିଲା । ସେମାନଙ୍କର ଦୁଃଖ କଷ୍ଟ ଗୁଡିକ ଆରାମ ଏବଂ ଶାନ୍ତ୍ୱନା ଓ ହୃଦ୍‌ବୋଧରେ ବଦଳି ଯାଇଥିଲା । ସାକ୍ଷାତ୍‌କାରର ଏ ପ୍ରୋଗ୍ରାମ ୧:୩୦ ପର୍ଯ୍ୟନ୍ତ ଜାରି ରହିଲା । ତାପରେ ହଜୁର୍ ଅନୁଓ୍ୱର୍ ନିଜ ବାସସ୍ଥଳୀକୁ ପ୍ରତ୍ୟାଗମନ କଲେ ।

ଦୁଇଟା ସମୟରେ ହଜୁର୍ ଅନୁଓ୍ୱର୍ ଆସି ନମାଜ ଜୋହର୍ ଏବଂ ଅସର୍ ଏକତ୍ର କରି ପଢ଼ାଇଲେ ।

### ଫ୍ୟାମିଲି ସାକ୍ଷାତ୍‌କାର

ପ୍ରୋଗ୍ରାମ୍ ମୁତାବକ ଛଅଟା ବେଳକୁ ଫ୍ୟାମିଲି ସାକ୍ଷାତକାରରର ପ୍ରୋଗ୍ରାମ୍ ଆରମ୍ଭ ହେଲା । ଆଜି ୩୨ଟି ଫ୍ୟାମିଲିର ୧୩୭ ଜଣ ଲୋକ ନିଜ ପ୍ରିୟ ଆକାଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପାଇଲେ । ସମସ୍ତେ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ଫଟୋ ଉଠାଇଲେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ବହୁତ ସ୍ନେହର ସହିତ ଶିକ୍ଷାର୍ଥୀମାନଙ୍କୁ କଲମ ଉପହାର ଦେଲେ ଏବଂ ଛୋଟ ପୁଅ ଝିଅମାନଙ୍କୁ ଚକୋଲେଟ୍ ବାଂଟିଲେ । ଆଜି ସାକ୍ଷାତ୍ କରିବାର ସୌଭାଗ୍ୟ ପାଇଥିବା ନିମ୍ନରେ ଦିଆଯାଇଥିବା ୨୫ ଟି ଯମାତରୁ ଲୋକମାନେ ଆସି ପହଂଚିଥିଲେ ।

| | |
|---|---|
| Leipzig | Eppelheim |
| ଗ୍ରାସ୍ ଗିରାଓ | ବୁର୍‌ଖସାଲ୍ |
| Ruedesheim | Radolfzell |
| Goeppeingen | Herborn |
| Riedstadt | Giessen |
| Hattersheim | Herford |
| Gemuenden | Soltau |
| ହାଇଡଲ୍‌ବର୍ଗ | ମନ୍‌ହାଇମ୍ |
| Montabauer | Koeln |
| ଲମ୍‌ବର୍ଗ | ୱେଜ୍‌ବାଦନ୍ |
| Eich | Nauheim |
| Mosbach | Bilefeld |
| - | Heibronn |

ଜର୍ମାନୀର ବିଭିନ୍ନ ଯମାତରୁ ଆସିଥିବା ଫ୍ୟାମିଲି ମାନଙ୍କ ବ୍ୟତୀତ ବିଦେଶରୁ କାନାଡ଼ା ଏବଂ ପାକିସ୍ତାନ୍‌ରୁ ମଧ୍ୟ ଅହେମଦୀମାନେ ସାକ୍ଷାତ୍ କରିବାର ସୌଭାଗ୍ୟ ପାଇଲେ । ଏହି ସାକ୍ଷାତ୍‌କାର ସନ୍ଧ୍ୟା ୮ ଟା ପର୍ଯ୍ୟନ୍ତ ଚାଲିଲା ।

**ତକ୍‌ରିବେ ଆମିନ୍**

ଏହାପରେ ୮:୧୫ ରେ ହଜୁର୍ ଅନ୍ୱର୍ ଅ:ବ:ଅ ମସ୍‌ଜିଦ୍‌ର ହଲ୍‌ରେ ପଦାର୍ପଣ କଲେ । ଯେଉଁଠି ପ୍ରୋଗ୍ରାମ୍ ମୁତାବକ ତକ୍‌ରିବେ ଆମିନ୍‌ର ବ୍ୟବସ୍ଥା କରାଯାଇଥିଲା । ହଜୁର୍ ଅନ୍ୱର୍ ନିମ୍ନଲିଖିତ ୨୬ ଜଣ ପୁଅ ଝିଅଙ୍କଠାରୁ ପବିତ୍ର କୋରାନ୍‌ର ଗୋଟିଏ ଗୋଟିଏ ଆୟତ ଶୁଣିଲେ ଏବଂ ଶେଷରେ ଦୁଆ କରାଇଲେ ।

ଅଜିଜମ୍ ସେରାଜ୍ ଇମ୍‌ରାନ୍, ୱଲିଦ୍ ଅହେମଦ୍ ସଇଦ, ଆର୍ଫିନ୍ ଇସ୍‌ଲାମ୍, ଅବିର୍ ଅହେମଦ୍, ଅବ୍‌ଦୁଲ୍ ରହେମାନ୍, ଚୌଧୁରୀ ୟାସିନ୍ ନୱାଜ, ରାଣା ସାକିବ୍ ମହେମୁଦ୍, ରମିଜ୍ ଅହେମଦ୍, ୱାସିଫ୍ ଇସ୍‌ଲାମ୍, ସାଲିକ୍ ଅତିକ୍, ଫାତେ ଅହେମଦ୍ ବଟ୍, ଅଦିଲ୍ ଅହେମଦ୍ ।

ଅଜିଜା ସବିହା ଖାଲିଦ୍, ରାମିନ୍ ଅହେମଦ୍, ମୁସ୍କାନ୍ ଅହେମଦ୍, ବାସ୍‌ମା ଆଦିଲ୍, ଲବିନା ସାହିଦ୍, ହଦିକା ଅହେମଦ୍ ନିଶା ଅହେମଦ୍, ଅତିଆ ଭଟି, ପାରସା ଦିୱିଲ୍, ଜାଜ୍‌ବା ମହେମୁଦ୍, ଆଇଶା ନୱାଜ୍, ମେହେରୁନ୍ ନିଶା ଅହେମଦ୍, ଅନିସା ଅହେମଦ୍, ଆନିଆ ନୁର୍ କାହଲୁଁ ।

ତକ୍‌ରିବ୍ ଆମିନ୍ ପରେ ହଜୁର୍ ଅନ୍ୱର୍ ମଗରିବ୍ ୱ ଇସା ନମାଜ ଏକତ୍ର ପାଠ କରାଇଲେ । ତତ୍‌ପରେ ନିଜ ବାସସ୍ଥଳକୁ ପ୍ରତ୍ୟାଗମନ କଲେ ।

**୧୦ ଏପ୍ରିଲ୍ ୨୦୧୭ (ସୋମବାର)**

ହଜୁର୍ ଅନ୍ୱର୍ ଅ:ବ:ଅ ସକାଳ ୫:୪୫ ରେ ଆସି ନାମଜ ଫଜର୍ ପଢ଼ାଇଲେ । ନମାଜ ପରେ ନିଜ ରହିବା ସ୍ଥାନକୁ ପ୍ରତ୍ୟାଗମନ କଲେ । ହଜୁର୍ ଅନ୍ୱର୍ ସକାଳେ ଦଫତରକୁ ଆସି ଡାକ ଏବଂ ରିପୋର୍ଟ ଗୁଡ଼ିକର ତଦାରଖ କଲେ ଏବଂ ଜରୁରୀ ନିର୍ଦ୍ଦେଶନାମା ଘୋଷଣା କଲେ । ଏହିପରି ଅନ୍ୟାନ୍ୟ ଦଫ୍‌ତରି କାର୍ଯ୍ୟରେ ସମୟ ଅତିବାହିତ କଲେ ।

**ମସ୍‌ଜିଦ୍ ବଇତୁଲ୍ ଆଫିୟତ୍‌ର ଉଦ୍‌ଘାଟନ ଉତ୍ସବ**

ଆଜି ପ୍ରୋଗ୍ରାମ୍ ମୁତାବକ Waldshut Tiengen ସହରରେ ମସ୍‌ଜିଦ୍ ବଇତୁଲ୍ ଆଫିୟତ୍‌ର ଉଦ୍‌ଘାଟନ ଉତ୍ସବ ଥିଲା । ହଜୁର୍ ଅନ୍ୱର୍ ଅ:ବ:ଅ ୧୦:୪୦ରେ ନିଜ ଆବାସ ସ୍ଥଳୀରୁ ବାହାରକୁ ଆସି ଇଜିତିମାଇ ଦୁଆ କରାଇଲେ । ତା ପରେ କାଫ୍‌ଲା ଯାତ୍ରା ଆରମ୍ଭ କଲା । ଫ୍ରାଙ୍କ୍‌ଫୋର୍ଟରୁ ୱାଲ୍‌ଡ୍‌ସଟ୍ ସହରର ଦୂରତା ୩୭୦କି.ମି. । ପାଖାପାଖି ୪ ଘଂଟା ୨୦ ମିନିଟ୍ ଯାତ୍ରା ପରେ ହୋଟେଲ୍ ବର୍ଚର୍‌ଠାରେ ପହଂଚିଲେ । ପ୍ରଥମରୁ ଧାର୍ଯ୍ୟ କରାଯାଇଥିବା ପ୍ରୋଗ୍ରାମ୍ ମୁତାବକ ମସ୍‌ଜିଦ୍‌ର ଉଦ୍‌ଘାଟନୀ ଉତ୍ସବ ପାଇଁ ଆସିଥିବା ଲୋକଙ୍କର ରହିବାର ବ୍ୟବସ୍ଥା ଏଠାରେ କରାଯାଇଥିଲା । ୪:୧୫ ରେ ହଜୁର୍ ଅନ୍ୱର୍ ମସ୍‌ଜିଦ୍ ବଇତୁଲା ଆଫିୟତ୍ ନିମନ୍ତେ ବାହାରିଲେ ଏବଂ ୫ ମିନିଟ୍‌ର ଯାତ୍ରା ପରେ ୪:୨୦ ରେ ମସ୍‌ଜିଦ୍ ବଇତୁଲ୍ ଆଫିୟତ୍‌ରେ ଆପଣଙ୍କର ପଦାର୍ପଣ ହେଲା । ସ୍ଥାନୀୟ ଯମାତ୍‌ର ଲୋକମାନେ ପୁରୁଷ, ସ୍ତ୍ରୀ, ଯବାନ୍, ପିଲା, ବୁଢ଼ା ଆଜି ସକାଳୁ ନିଜର ପ୍ରିୟ ଆକାଙ୍କ ସାନିଧ୍ୟ ପାଇବା ପାଇଁ ପ୍ରସ୍ତୁତି ଚଳାଇଥିଲେ । ହଜୁର୍ ଆସି ପହଂଚିବା କ୍ଷଣି ସମସ୍ତେ ଉତ୍ସାହିତ ହୋଇ ସ୍ୱାଗତ ଜଣାଇଲେ । ଏହି ଅବସରରେ ଗୋଟିଏ ଛୋଟ ପିଲା ଅଜିଜମ୍ ମାମୁନ୍ ଅକ୍ତର୍ ହଜୁର୍ ଅନ୍ୱର୍‌ଙ୍କ ଗୋଚରେ ଫୁଲତୋଡ଼ା ପେଶ୍ କଲେ ।

ସଦର ଯମାତ୍ ଇମ୍‌ରାନ୍ ବେଶାରତ୍ ସାହେବ୍, ରିଜିଓନାଲ୍ ଅମୀର୍ ନସିର୍ ବର୍ମି ସାହେବ ଏବଂ ସେହି ରିଜନ୍‌ର ମୋବୋଲିକ୍ ସକିଲ୍ ଅହେମଦ୍ ଉମର୍ ସାହେବ ହଜୁର୍ ଅନ୍ୱର୍‌ଙ୍କୁ ସ୍ୱାଗତ କରି କରମର୍ଦ୍ଦନ କରିବାର ସୌଭାଗ୍ୟ ପାଇଲେ । ଏହାପରେ ହଜୁର୍ ଅନ୍ୱର୍ ମସ୍‌ଜିଦ୍‌ର ବାହ୍ୟ କାନ୍ଥରେ ଲାଗିଥିବା ଫଳକରୁ ପର୍ଦା ଉଠାଇଲେ ଓ ଦୁଆ କରାଇଲେ । ତାପରେ ମସ୍‌ଜିଦ୍ ହଲ୍‌ରେ ଆପଣ ପଦାର୍ପଣ କଲେ ଏବଂ ନମାଜ ଜୋହର୍ ଅସର୍ ଜମା କରି ପଢ଼ାଇଲେ । ଏହା ସହିତ ମସ୍‌ଜିଦ୍‌ର ଉଦ୍‌ଘାଟନୀ ଶୁଭାରମ୍ଭ ହେଲା । ସଦର୍ ଯମାତ୍‌କୁ ପଚାରିଲା ପରେ ସେ କହିଲେ ଏହି ଯମାତ୍‌ର ତଜ୍‌ନିଦ୍-୧୨୧ ଆଜି ଉଦ୍‌ଘାଟନୀ ଉତ୍ସବ ଅବସରରେ ଆଖପାଖର ଯମାତ୍‌ରୁ ମଧ୍ୟ ଲୋକମାନେ ଆସିଛନ୍ତି । ସୁଇଜରଲ୍ୟାଣ୍ଡ ଦେଶର ବର୍ଡ଼ର ଏଠାରୁ କିଛି କି.ମି. ଦୂରତାରେ ଅଛି । ସୁଇଜରଲ୍ୟାଣ୍ଡରୁ ମଧ୍ୟ ଅମୀର ସାହେବ ଏବଂ ଆଉ କିଛି ସଦସ୍ୟ ଯୋଗ ଦେଇଥିଲେ ।

ଏହାପରେ ହଜୁର୍ ଅନ୍ୱର୍ ମହିଳାମାନଙ୍କ ହଲ୍‌ରେ ପଦାର୍ପଣ କଲେ । ପିଲାମାନଙ୍କର ଏକ ଗ୍ରୁପ୍ ଦୁଆଇଆ ନଜମ୍ ପରିବେଷଣ କଲେ । ହଜୁର୍ ଅନ୍ୱର୍ ଅ:ବ:ଅ ସ୍ନେହର ସହିତ ପିଲାମାନଙ୍କୁ ଚକୋଲେଟ୍ ବଂଟନ କଲେ । ଏହାପରେ ହଜୁର୍ ଅନ୍ୱର୍ ବାହାରକୁ ଆସି ଅଗଣାରେ ଗୋଟିଏ ଗଛ ଲଗାଇଲେ । ମସ୍‌ଜିଦ୍ ଉଦ୍‌ଘାଟନ ଅବସର ପାଇଁ ସୁବାଇ ଟି.ଭି SWR Frieburg ର ଜର୍ନାଲିଷ୍ଟ୍ କଭ୍‌ରେଜ ପାଇଁ ଆସିଥିଲେ । ସେ ହଜୁର୍ ଅନ୍ୱର୍‌ଙ୍କର ଇଂଟରଭ୍ୟୁ ମଧ୍ୟ ନେଲେ ।

ଜର୍ନାଲିଷ୍ଟ୍ ଜଣକ ପ୍ରଶ୍ନ କଲେ ଏହି ଛୋଟ ସହରରେ ଆପଣଙ୍କର ମସ୍‌ଜିଦ୍ ବନାଇବାର ଲକ୍ଷ୍ୟ କଣ । ଏହାର ଉତରରେ ହଜୁର୍ କହିଲେ ଅହେମଦୀଙ୍କ ପାଇଁ ଏଠାରେ ଏକ ଉପାସନା ପୀଠର ଆବଶ୍ୟକ ଥିଲା । ଯେପରି ୟୁହୁଦୀମାନଙ୍କର SYNAGOGUE ଅଛି ଏବଂ ଇସାଇମାନଙ୍କ ଚର୍ଚ୍ଚ ଅଛି । ପ୍ରତ୍ୟେକ ଧର୍ମର ନିଜର ଉପାସନା ପୀଠ ଥାଏ । ଆମକୁ ମଧ୍ୟ ଉପାସନା କରିବା ପାଇଁ ଗୋଟିଏ ମସ୍‌ଜିଦ୍‌ର ଆବଶ୍ୟକତା ଥିଲା । ଯେଉଁଠି ଆମେ ଅଲ୍ଲାହତାଲାଙ୍କର ଉପାସନା ସହିତ ମାନବ ଜାତିର ସେବା କରିପାରିବୁ ।

ଜର୍ନାଲିଷ୍ଟଙ୍କ ଦ୍ୱିତୀୟ ପ୍ରଶ୍ନ- କଣ ଆପଣ ଏଠାରେ ଅପୋଶରେ ଶାନ୍ତି ବାର୍ତାଳାପ ଏବଂ ଶାନ୍ତି ସ୍ଥାପନା କରିବାପାଇଁ ଚେଷ୍ଟା କରିବେ ? ଉତରରେ ଆପଣ କହିଲେ ଆମର ତ ବାର୍ତା ହେଉଛି ଅମନ୍, ଶାନ୍ତି ଓ ପ୍ରେମର ବାର୍ତା ଏବଂ ଏହା ହିଁ ଇସ୍‌ଲାମ୍‌ର ଅସଲ ଶିକ୍ଷା ଅଟେ ।

ଏହାପରେ ସ୍ଥାନୀୟ ମଜ୍‌ଲିସ୍ ଆମ୍‌ଲା ଏବଂ ଯମାତି ୱହ୍‌ଦାଦାର୍‌ମାନେ ହଜୁର୍ ଅନ୍ୱର୍‌ଙ୍କ ସହିତ ଗ୍ରୁପ୍ ଗ୍ରୁପ୍ ହୋଇ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ମସ୍‌ଜିଦ୍‌ର ପାଖ ଇଲାକାରେ ଗୋଟିଏ ଖୋଲା ଯାଗାରେ ଟେଂଟ୍ ଲଗାଯାଇଥିଲା ଯେଉଁଠି ଉଦ୍‌ଘାଟନୀ ଉତ୍ସବର ଆୟୋଜନ କରାଯାଇଥିଲା । ୬:୧୫ରେ ହଜୁର୍ ଅନ୍ୱର୍ ସେଠାରେ ପଦାର୍ପଣ କଲେ । ଯମାତ୍‌ର ସଦସ୍ୟମାନେ ଆପଣଙ୍କୁ ସ୍ୱାଗତ୍ କଲେ । ଗୋଟିଏ ଛୋଟପିଲା ନୱିଦୁଲ୍ ହକ୍ ବଟ୍ ହଜୁର୍ ଅନ୍ୱର୍‌ଙ୍କୁ ଫୁଲତୋଡ଼ା ପେଶ୍ କଲେ ।...

ଏହାପରେ ମୋକରମ୍ ଅବ୍‌ଦୁଲା ୱାଗସ୍ ହାଉଜର୍ ସାହେବ୍ ଅମୀର ଯମାତ୍ ଜର୍ମାନୀ ନିଜର ପରିଚୟ ବକ୍ତବ୍ୟ ପ୍ରଦାନ କଲେ । ଏବଂ ଏ ସହରର ଲୋକସଂଖ୍ୟା ଏବଂ ଅନ୍ୟାନ୍ୟ ଜ୍ଞାନବର୍ଦ୍ଧକ ବିଷୟ ସହର ବାବଦରେ ବ୍ୟାପକ ରୂପେ ସଭା ସଦସ୍ୟଙ୍କ ସମ୍ମୁଖରେ ବର୍ଣ୍ଣନା କଲେ ।... ମସ୍‌ଜିଦ୍ ବଇତୁଲ୍ ଆଫିୟତ୍ ଯେଉଁଠି ତିଆରି ହୋଇଛି ଏଠାରେ ପ୍ରଥମେ ଗୋଟିଏ ମାର୍କେଟ୍ ଥିଲା । ଏହି ଜମିନ୍‌ର କ୍ଷେତ୍ରଫଳ ୧୮୮ ସ୍କୋୟାର୍ ମିଟର୍ ଯାହାକୁ ୧,୧୮,୦୦୦ ୟୁରୋ ବଦଳରେ କିଣାଯାଇଛି । ୨୩ ମାର୍ଚ୍ଚ ୨୦୧୬ ରୁ ମସ୍‌ଜିଦ୍‌ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା ଏବଂ ୧୦ ଏପ୍ରିଲ୍ ୨୦୧୭ ରେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲା । ମସ୍‌ଜିଦ୍‌ର ଦୁଇଟି ହଲ୍ ଅଛି ଯାହାର କ୍ଷେତ୍ରଫଳ ୧୦୧.୭୦ ସ୍କୋୟାର୍ ମିଟର୍ । ମିନାରାର ଉଚ୍ଚତା ୭ ମିଟର ଅଟେ । ଏତତ୍‌ବ୍ୟତୀତ ଗୋଟିଏ ଦଫତର୍ ଏବଂ ଗୋଟିଏ ରୋଷେଇଶାଳର ନିର୍ମାଣ ମଧ୍ୟ କରାଯାଇଛି ।

ଅମୀର୍ ସାହେବ୍ ଜର୍ମାନୀଙ୍କ ଭାଷଣ ପରେ ଲର୍ଡ଼ ମେୟର୍ ପ୍ରତିନିଧିଢ଼ ସାଲ୍‌ଭିଆ ଡ଼ୋବିଲେ ନିଜର ବକ୍ତବ୍ୟ ପରିବେଶଣ କଲେ । ସେ ସି.ଟି କାଉନ୍‌ସିଲ୍‌ର ମେମ୍ବର୍ ଓ ସୋସିଆଲ୍ ପାର୍ଟିର ମଧ୍ୟ ମେମ୍ବର୍ ଅଟନ୍ତି ।...

ଏହାପରେ ଡ଼ାଃ ମାଇକେଲ୍ ୱିଲ୍‌କି ସାହେବ ନିଜର ବକ୍ତବ୍ୟ ପରିବେଷଣ କଲେ । ସେ ୱାଲ୍‌ଡ୍ ସଟ୍ ଟାଇମ୍‌ଜେନ୍ କାଉଂଟିର କସ୍‌ବା ଲୋରାଃର ମେୟର ଅଟନ୍ତି ।... ଏହାପରେ ଟେନ୍‌ଜେନ୍ ସହରର ପ୍ରୋଟେଷ୍ଟାଂଟ୍ ଚର୍ଚ୍ଚର ପାଦ୍ରୀ ଷ୍ଟକ୍ ବର୍ଜର୍ ନିଜର ବକ୍ତବ୍ୟ ପରିବେଶଷ କଲେ । ସର୍ବ ପ୍ରଥମ ହଜୁର୍ ଅନ୍ୱର୍‌ଙ୍କୁ ସେ ସ୍ୱାଗତ କଲେ । ଏବଂ ସବୁ ଧର୍ମର ବିଶେଷତ୍ୱ ବିଷୟରେ ବହୁତ କିଛି କହିଲେ ।... ସେ ଶେଷରେ କହିଲେ ଯେ ମୁଁ ଏହି କଥାକୁ

ସ୍ପଷ୍ଟ କରିବାକୁ ଚାହୁଁଛି ଯେ ଆମ ସମସ୍ତଙ୍କୁ ଏହି କଥାର ଧ୍ୟାନ ରଖିବା ଉଚିତ୍ ଯେ ଆମେ ସମସ୍ତେ ଗୋଟିଏ ଖୁଦାଙ୍କ ସନ୍ତାନ ଅଟୁ । ଏବଂ ଆମେ ଗୋଟିଏ ଘରେ ବାସ କରୁଅଛେ । ଏହି ଘରର ଗୋଟିଏ ଆଇନ୍ ମଧ୍ୟ ଅଛି । ଏଥିରେ ପ୍ରତ୍ୟେକ ମଣିଷଙ୍କୁ ଅଧିକାର ଦିଆଯାଇଛି ଯେ ସେ ତାର ବିଶ୍ୱାସ ମୁତାବକ ଯେତିକି ଚାହିଁବ ଅମଲ କରିପାରିବ । ଏହା ହେଉଛି ମାନବିକ ଅଧିକାର ଏବଂ ଏହିପରି ଆମେ ସମସ୍ତେ ଜର୍ମାନୀ ଅଟୁ । ଆମ ସମସ୍ତଙ୍କୁ ଏକାଠି ରହିବା ପାଇଁ କୌଣସି କଷ୍ଟ ହେବା ଉଚିତ୍ ନୁହେଁ ଏବଂ ବିଶେଷ କରି ଆପଣଙ୍କ ଜମାତ୍‌ରେ ଯେଉଁ ସବୁ ବିଭିନ୍ନ ପ୍ରୋଗ୍ରାମ୍ ହେଉଛି ତାହା ଏପରି ଯେ ଯେଉଁଥିରେ ଆମେ ଇସାଇମାନେ ଯୋଗ ଦେଇପାରୁଛୁ । ସେଥିପାଇଁ ମୁଁ ବହୁତ ଆନନ୍ଦିତ । ମୋର ଆଶା ଯେ ଆଗକୁ ମଧ ଆମକୁ ଏକାଠି ହୋଇ ରହିବା, ପ୍ରେମ ଓ ଭାଇଚାରାକୁ ବଢ଼ାଇବ ।... ଏହାପରେ ୭:୭ ମିନିଟ୍‌ରେ ହଜୁର୍ ଅନୁୱର୍ ଅ:ବ:ଅ ବକ୍ତବ୍ୟ ପ୍ରଦାନ କଲେ ।

**ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ଭାଷଣ**

ହଜୁର୍ ଅନୁୱର୍ ଅ:ବ:ଅ ତଶହୁଦ୍ ତଉଜ୍ ଓ ତସ୍‌ମିଆ ପାଠ କରିବା ପରେ କହିଲେ ସମସ୍ତ ସମ୍ମାନୀୟ ଅତିଥିଗଣ ! ଅସ୍‌ସଲାମ୍ ଆଲୈକୁମ୍ ୱ ରହେମତୁଲାହେ ୱ ବରକାତୁହ । ଏବେ ଯେଉଁ ଆୟତଟି ପାଠ କରାଗଲା ସେଥିରୁ ଏବଂ କିଛି ବକ୍ତାଙ୍କ କଥାରୁ ମୁଁ କେତେ ନୋଟ୍‌ସ ତିଆରି କରିଥିଲି । କିନ୍ତୁ ମୁଁ ମିଷ୍ଟର୍ ଷ୍ଟକ୍ ବର୍ଜର୍ ସାହେବଙ୍କୁ ଧନ୍ୟବାଦ ଦେଉଛି ଯେ ଜଣେ ପ୍ରେସ୍ଟ୍ ଅଛନ୍ତି ସେ ମୋର କାମକୁ ବହୁତ ସହଜ କରିଦେଲେ । ଏବଂ ବହୁତ ଗୁଡିଏ କଥା ଯେଉଁଗୁଡିକ ଶାନ୍ତି ଏବଂ ଧର୍ମ ଉପରେ ଆଧାରିତ ଥିଲା ସେ ମୋ ତରଫରୁ କହିସାରିଛନ୍ତି । ସେଥିପାଇଁ ତାଙ୍କୁ ଧନ୍ୟବାଦ ।

ଯାହାହେଉ ଏହା ବହୁତ ଭଲକଥା ଯେ ବିଭିନ୍ନ ଧର୍ମର ଲୋକ ହୋଇଥିବା ସତ୍ୱେ ଯଦି ସମସ୍ତେ ଆପଷରେ ମିଳିମିଶି ରହିବେ ତେବେ ଏହା ବଡ଼ ଉତମ କଥା । ସେଥିପାଇଁ ପବିତ୍ର କୋରାନ୍‌ରେ ଇସାଇମାନଙ୍କୁ, ୟୁହୁଦୀମାନଙ୍କୁ, ଅହେଲେ କିତାବଙ୍କୁ ମୁସଲ୍‌ମାନ୍‌ମାନଙ୍କ ତରଫରୁ ଏ ବାର୍ତା ଦିଆଯାଇଛି ଯେ ଆସ ଆମେ ସମସ୍ତେ ଏହି କଥାରେ ମିଳିମିଶି କାମ କରିବା ଏବଂ ଏହି କଲ୍‌ମା ଉପରେ ଆମେ ସମସ୍ତେ ଏକାଠି ହେଲା ଯାହା ଆମ ଏବଂ ତମ ମଧ୍ୟରେ ଏକ ଅଟେ । ଏବଂ ସେହି ଏକକ କଲମାଟି ଅଲ୍ଲାଃତାଲାଙ୍କର ଅସ୍ତିତ୍ୱ ଅଟେ ।

ମୁଁ ତାଙ୍କର ଏ କଥାରେ ସହମତ ହେବିନାହିଁ ଯେ ସେ କହିଲେ ହିନ୍ଦୁମାନେ ଗୋଟିଏ ଖୁଦାଙ୍କୁ ମାନୁନାହାନ୍ତି ବୋଲି । ବାସ୍ତବରେ ହିନ୍ଦୁମାନେ ମଧ ନିଜର ବିଭିନ୍ନ ଦେବତାମାନଙ୍କ ଜରିଆରେ ଏକ ଖୁଦା ପର୍ଯ୍ୟନ୍ତ ପହଂଚୁଛନ୍ତି । ଆମେ ଏହା ବିଶ୍ୱାସ ରଖୁଛୁ ଯେ ପ୍ରତ୍ୟେକ ଧର୍ମ ଅଲ୍ଲାଃତାଲାଙ୍କ ତରଫରୁ ଆସିଛି । ବିଭିନ୍ନ କୌମ୍ ପାଇଁ ଆସିଛି, ବିଭିନ୍ନ ଯୁଗରେ ଆସିଛି ଏବଂ ଯଦି ସବୁ ଅଲ୍ଲାଃତାଲାଙ୍କ ତରଫରୁ ଆସିଛନ୍ତି ଯିଏ ଏ ସାରା ସଂସାରର ସୃଷ୍ଟିକର୍ତା ଅଟନ୍ତି ସେହି ଖୁଦାଙ୍କ ତରଫରୁ ଆସିଛନ୍ତି ଯିଏ ମନୁଷ୍ୟକୁ ସର୍ବଶ୍ରେଷ୍ଠ ପ୍ରାଣୀ କରି ତିଆରି କରିଛନ୍ତି ତେବେ ତାଙ୍କର ବାର୍ତା ମଧ ଗୋଟିଏ ହେବାର ଥିଲା । ଅର୍ଥାତ୍- ଏକ ଖୁଦାର୍ ଉପାସନା କର ଏବଂ ତାର ସମକ୍ଷକ କାହାକୁ କରନାହିଁ । ନିଜ ଭିତରେ ପ୍ରେମ, ଶାନ୍ତି, ସୌହାର୍ଦ୍ଦ୍ୟ ଏବଂ ଭାତୃଭାବ ସହିତ ଏକାଠି ରୁହ । ସେଥିଯୋଗୁଁ ଆମେ ଯିଏ ବାସ୍ତବିକ ମୁସଲ୍‌ମାନ ଅଟୁ ସମସ୍ତ ଅବତାରଙ୍କ ଉପରେ ବିଶ୍ୱାସ ରଖିଥାଉ । ଆମେ ଏହା ମଧ ବିଶ୍ୱାସ ରଖିଥାଉ ଯେ ସବୁ କୌମ୍‌ରେ, ସବୁ ଧର୍ମରେ ଅଲ୍ଲାଃତାଲାଙ୍କ ତରଫରୁ ଅବତାର ଆସିଛନ୍ତି ଯେଉଁମାନେ ଧର୍ମକୁ ପ୍ରତିଷ୍ଠା କରିଥିଲେ ।

ଯଦି ସବୁଧର୍ମ ଅଲ୍ଲାଃତାଲାଙ୍କ ତରଫରୁ ଆସିଛି ପୁଣି ଅଲ୍ଲାଃତାଲା କହୁଛନ୍ତି ଯେ ତୁମର କୌଣସି ଅଧିକାର ନାହିଁ ଯେ ତୁମେ ନିଜ ଭିତରେ ଯୁଦ୍ଧ ଏବ ଲଢ଼ାଇ କର, ଏକ ଆରେକର ବିରୋଧ କର ବରଂ ଯଦି ପବିତ୍ର କୋରାନ୍ ଉପରେ ଅନୁଧ୍ୟାନ କରାଯିବ ସେଠି ଯୁଦ୍ଧର ଅନୁମତି ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଦିଆଯାଇଥିଲା । ସେହି ଅନୁମତି ଗୋଟିଏ ଲମ୍ବା ସମୟ ମୁସଲ୍‌ମାନମାନେ କଷ୍ଟ ପାଇବା ପରେ ତାଙ୍କୁ ଦିଆଯାଇଥିଲା । ଯେତେବେଳେ ଆପଣ ହିଜ୍‌ରତ୍ କରି ମଦ୍ଦିନା ଚାଲିଗଲେ ଏହାର ସ୍ପଷ୍ଟୀକରଣ କରି ଲେଖା ଅଛି ଯେ ଯଦି ତୁମେ ଏହି ଅତ୍ୟାଚାରୀମାନଙ୍କ ହାତକୁ ନ ରୋକିବ ତେବେ ପୁଣି ଏହି ଅତ୍ୟାଚାର ବଢ଼ି ଚାଲିବ ତେଣୁ ସେମାନଙ୍କୁ ଦଣ୍ଡ ଦେବା ଜରୁରୀ ଥିଲା । ଯଦି ସେମାନଙ୍କୁ ରୋକା ନଯାଇଥାନ୍ତା ତେବେ ପୁଣି କୌଣସି ଚର୍ଚ୍ଚ ନା କୌଣସି ସାଇନାଗଜ୍ ନା କୌଣସି ମନ୍ଦିର୍, ନା କୌଣସି ମସ୍‌ଜିଦ୍ ବାକି ରହିଥାନ୍ତା ।

ଗାଟିଏ ସଚ୍ଚୋଟ ମୁସଲ୍‌ମାନ ପାଇଁ ଏହା ଜରୁରୀ ଅଟେ ଯେ ସେ ଯେତେବେଳେ ନିଜ ମସ୍‌ଜିଦ୍‌କୁ ଉପାସନା ପାଇଁ ଆସେ ଓ ନିଜ ମସ୍‌ଜିଦ୍‌ର ସୁରକ୍ଷା ପାଇଁ ଇଛା କରେ ତେବେ ତା ଉପରେ ଏହା ଧାର୍ଯ୍ୟ ଅଟେ ଯେ ସେ ଚର୍ଚ୍ଚର ମଧ ସୁରକ୍ଷା କରୁ । ସେ ୟୁହୁଦୀ Synagogue ର ମଧ ସୁରକ୍ଷା କରୁ ଏବଂ ସେମାନଙ୍କ ସହିତ ପ୍ରେମ ଓ ସୌହାର୍ଦ୍ଦ୍ୟର ସହିତ ବସବାସ କରୁ । ଏହା ହିଁ ସେହି ଶିକ୍ଷା ଯଦି ଏହା ଉପରେ ଅମଲ କରାଯାଏ ତେବେ ପ୍ରେମ, ସ୍ନେହ ଓ ଭାଇଚାରା ପ୍ରସାର ଲାଭ କରିବ ।

ଆମ ସମ୍ମୁଖରେ ପବିତ୍ର କୋରାନ୍‌ର ଯେଉଁ ଆୟତଗୁଡିକ ପାଠ କରାଗଲା ତାହାର ଖୁଲାସା ଏହା ଅଟେ ଯେ ତୁମେ ଲୋକମାନଙ୍କର ଅଧିକାର ପ୍ରଦାନ କର, ଗରୀବର ଅଧିକାର ପ୍ରଦାନ କର, ୟତିମ୍‌ଙ୍କ ଅଧିକାରକୁ ପ୍ରଦାନ କର, ମୁସାଫିରଙ୍କ ଅଧିକାର ପ୍ରଦାନ କର ଏବଂ ତାଙ୍କୁ ସାହାଯ୍ୟ କର, ଜନସେବା କାର୍ଯ୍ୟରେ ଲାଗିରୁହ ଏବଂ ଏହା ମଧ ବର୍ଣ୍ଣନା କରାଯାଇଛି ଯେ ନମାଜ ପାଠ କର, ଜକାତ୍ ଦିଅ । ଜକାତ୍‌ର ଅର୍ଥ ଏହା ଅଟେ ଯେ ନିଜର ଧନକୁ ପବିତ୍ର କର । ପବିତ୍ର କରିବା ପାଇଁ ଅଲ୍ଲାଃତାଲାଙ୍କ ମଖଲୁକ୍‌ଙ୍କ ସେବାରେ ଏହାକୁ ନିୟୋଜିତ କର । ତେଣୁ ଜଣେ ହକିକି ମୁସଲ୍‌ମାନ୍ ଏହା ଉପରେ ବିଶ୍ୱାସ ରଖିଥାଏ ଏବଂ ଆମେ ଅହେମଦୀମାନେ ଏ କଥାର ଦାବୀ କରୁଛୁ ଯେ ଆମେ ଅଲ୍ଲାଃତାଲାଙ୍କ ଫଜଲରୁ ଏହା ଉପରେ ଅମଲ କରୁଅଛୁ । ଏହି କାରଣ ଅଟେ ସାରା ସଂସାରରେ ଅହେମଦୀ ମୁସଲ୍‌ମାନ୍‌ମାନେ ଯେଉଁଠି ତବ୍‌ଲିଗ୍ କରିଥାନ୍ତି ଅର୍ଥାତ୍ ଇସ୍‌ଲାମ୍‌ର ବାର୍ତା ପହଂଚାଇଥାନ୍ତି ସେଠି ଜନସେବା ମଧ କରିଥାନ୍ତି । ସେଥିଯୋଗୁଁ ଆମର ସ୍କୁଲ୍, କଲେଜ, ହସ୍‌ପିଟାଲ୍ ଦୁନିଆର ଗରିବ ଦେଶମାନଙ୍କରେ ଯେପରି ଆଫ୍ରିକା ଦେଶମାନଙ୍କରେ ବା ଏସିଆର ଗରୀବ ଦେଶମାନଙ୍କରେ ପ୍ରତିଷ୍ଠା କରାଯାଇଛି । ସେଥିଯୋଗୁଁ ମଣିଷର ସେବା କରନ୍ତୁ ଏବଂ ଜାତି, ବର୍ଣ୍ଣ, ଭାଷା ନିର୍ବିଶେଷରେ ସମସ୍ତଙ୍କର ସେବା କରନ୍ତୁ । ଆମ ହସ୍‌ପିଟାଲ୍‌ରେ ୯୦% ରୋଗି ଇସାଇ ଅଟନ୍ତି । ଆମ ସ୍କୁଲ୍‌ରେ ୯୦% ଶିକ୍ଷାର୍ଥୀ ଇସାଇ ଅଟନ୍ତି ବା ଅନ୍ୟ ଧର୍ମର ଅଟନ୍ତି । ତାଙ୍କ ମଧ୍ୟରୁ ଯେଉଁମାନେ ମେଧାବୀ ସେମାନଙ୍କୁ ଆମେ ସ୍କଲାରସିପ୍ ମଧ ଦେଉଅଛୁ ।...

ଏଠାରେ ମସ୍‌ଜିଦ୍‌ର କଥା ଚାଲିଛି । ମସ୍‌ଜିଦ୍, ଉପାସନା କରିବା ପାଇଁ ତିଆରି ହୋଇଥାଏ । କିନ୍ତୁ ପବିତ୍ର କୋରାନ୍‌ରେ ବର୍ଣ୍ଣନା ଅଛି ଯେ ତୁମର ଏହି ନମାଜ ତୁମପାଇଁ ଧ୍ୱଂସର କାରଣ ହେବ । କାହିଁକି ଏହା ଧ୍ୱଂଶର କାରଣ ହେବ ? ଗୋଟିଏ ପଟେ ଅଲ୍ଲାଃତାଲା କହୁଛନ୍ତି ଯେ ମୋର ଉପାସନା କର । ଗୋଟିଏ ପଟେ କହୁଛନ୍ତି ଯେ ମୁଁ ତୁମର ନମାଜକୁ ଗ୍ରହଣ କରିପାରିବି ନାହିଁ । ଏହାର କାରଣ ତୁମେ ଗରିବ ଲୋକଙ୍କର, ୟତିମ୍‌ଙ୍କର ଧ୍ୟାନ ରଖୁନାହଁ, ତୁମେ ଦେଶରେ ଅଶାନ୍ତି ବାତାବରଣ ସୃଷ୍ଟି କରୁଛ । ସେଥିପାଇଁ ତୁମର ନମାଜ ଗ୍ରହଣୀୟ ନୁହେଁ ।

ଯେତେବେଳେ ମୁଁ ମସ୍‌ଜିଦ୍‌ର ଉଦ୍‌ଘାଟନ ପାଇଁ ଗଲି ଗୋଟିଏ ଟିଭି ଚ୍ୟାନେଲ୍ ମୋତେ ପ୍ରଶ୍ନ କଲା ଯେ ଆପଣ କାହିଁକି ଏଇ ଛୋଟ ସହରରେ ମସ୍‌ଜିଦ୍ ତିଆରି କରୁଛନ୍ତି । ମୁଁ ତାଙ୍କୁ ଏହି ଉତର ଦେଇଥିଲି ଯେ ଏଠାରେ ଅହେମଦୀ, ଇସାଇ ଓ ୟୁହୁଦୀ ମଧ ରହୁଛନ୍ତି । ଏବଂ ଅନ୍ୟାନ୍ୟ ଧର୍ମର ଲୋକମାନେ ମଧ ରହୁଛନ୍ତି । ସେ ମୋତେ ଜଣାଇଲେ ଯେ ଏଠାରେ ୧୨୦ଟି କୌମ୍ ରହୁଛନ୍ତି । ତେଣୁ ପ୍ରତ୍ୟେକ ଧର୍ମର ଲୋକମାନେ ନିଜର ଉପାସନା ଗୃହ ତିଆରି କରିଛନ୍ତି । ତେଣୁ ଅହେମଦୀ ମୁସଲ୍‌ମାନ୍ ମାନଙ୍କୁ ମଧ ଗୋଟିଏ ଉପାସନା ପିଠର ଆବଶ୍ୟକତା ଥିଲା । ଯାହାକୁ ଆମେ ନିର୍ମାଣ କରିଛୁ । ଯଦ୍ୱାରା ଅଲ୍ଲାଃତାଲାଙ୍କର ଉପାସନା ହେବ ଏବଂ ମଣିଷଙ୍କର ସେବା ମଧ ଉତମ ଓ ଯୋଜନାବଦ୍ଧ ରୂପେ ଆମେ କରିପାରିବୁ । ଏହା ହିଁ ଆମର ଲକ୍ଷ୍ୟ । ସେଇଥିପାଇଁ ଆମେ ଦୁନିଆର ପ୍ରତ୍ୟେକ ଯାଗାରେ ମସ୍‌ଜିଦ୍ ନିର୍ମାଣ କରିଛୁ ଏବଂ ହକିକି ଇସ୍‌ଲାମ୍‌ର

ବାର୍ତ୍ତା ପହଂଚାଉଛୁ ।

ଏହି ଯାଗା ପୂର୍ବରୁ ଗୋଟିଏ ମାର୍କେଟ୍ ଥିଲା । ଆଜି ଏହାକୁ ମସ୍‌ଜିଦ୍‌ରେ ପରିବର୍ତ୍ତନ କରାଯାଇଛି । ଏହା ପୂର୍ବରୁ ମଧ୍ୟ ଆଉ ଗୋଟିଏ ସହରରେ ଏକ ମାର୍କେଟ୍‌କୁ ମସ୍‌ଜିଦ୍‌ରେ ପରିବର୍ତ୍ତନ କରାଯାଇଥିଲା । ଯେଉଁଠି ଲୋକମାନେ ଆସି ଭୌତିକ ଜିନିଷ କିଣାବିକା କରୁଥିଲେ । ବର୍ତ୍ତମାନ ମସ୍‌ଜିଦ୍ ହେବା ପରେ ଆଧ୍ୟାତ୍ମିକ ଜିନିଷ କିଣିବା ପାଇଁ, ଅଲ୍ଲାଃତାଲାଙ୍କ ଉପାସନା କରିବା ପାଇଁ, ଅଲ୍ଲାଃଙ୍କର ବାର୍ତ୍ତା ଶୁଣିବା ପାଇଁ ଏବଂ ପୁଣି ଅଲ୍ଲାଃତାଲାଙ୍କ ମଖ୍‌ଲୁମ୍‌ଙ୍କ ସେବା କରିବା ପାଇଁ ଲୋକମାନେ ଏଠାକୁ ଆସିବେ । ଲୋକେ ଭାବୁଛନ୍ତି ଯେ ଏଠାରେ ମସ୍‌ଜିଦ୍ ହେବା ଦ୍ୱାରା ଜଣାନାହିଁ ମୁସଲ୍‌ମାନ୍‌ମାନେ କଣ କାମ କରିବେ ବା କୌଣସି ପ୍ରକାରର କ୍ଷତି ପହଂଚାଇବେ ନାହିଁ ତ । ଏହି ଧାରଣ ବହୁତ ଭୁଲ୍ ଧାରଣ ଅଟେ । ଯମାତ୍ ଅହେମଦୀୟା ଯେଉଁଠାକୁ ଯାଏ ସେଠାରେ ମସ୍‌ଜିଦ୍ ତିଆରି କରେ । ଏଠି ଯେଉଁ ''ମହବତ୍ ସବ୍ କେ ଲିଏ, ନଫର୍ କିସି ସେ ନେହିଁ'' ର ନାରା ଦିଆଯାଇଛି ଏହାକୁ ଆଉ ଅଧିକ ଜୋର୍‌ରେ ଦେଇଥାଏ ଏବଂ ସଂସାରବାସୀଙ୍କୁ ବତାଇଦେଇଥାଏ ଓ ପଡ଼ୋଶୀମାନଙ୍କୁ ଜଣାଇଦିଏ ଯେ ଅସଲ ଜିନିଷ ଏହା ଯାହା ଧର୍ମକୁ ମାନିଥିବା ଲୋକର କାର୍ଯ୍ୟ ଅଟେ । ଧର୍ମର ପ୍ରତିଷ୍ଠାତାମାନେ ଓ ପ୍ରତ୍ୟେକ ନବୀ ପ୍ରେମ ଓ ଶାନ୍ତି ପ୍ରତିଷ୍ଠା ପାଇଁ ଆସିଥିଲେ । ସେହି ଖୁଦାଙ୍କ ତରଫରୁ ଆସିଥିଲେ ଯିଏ ନିଜର ମଖ୍‌ଲୁକ୍‌ଙ୍କ ସହିତ ପ୍ରେମ କରିଥାଏ ।

ସୁତରାଂ ଯମାତ୍ ଅହେମଦୀୟାର ଏହି ବାର୍ତ୍ତାକୁ ମୁଁ ଆପଣମାନଙ୍କୁ ମଧ୍ୟ ଦେଉଅଛି । ଆମ ପଡ଼ୋଶୀମାନେ ଦେଖିବେ ଯେ ଏହି ମସ୍‌ଜିଦ୍‌ରେ ଯେଉଁଠି ଉପାସନା କରାଯାଇ ଆଧ୍ୟାତ୍ମିକ ଲାଭ ଉଠାହେବ ସେଠି ଉପାସନା କରିବାକୁ ଆସୁଥିବା ଲୋକମାନେ ଚତୁଃପାର୍ଶ୍ୱରେ ପ୍ରେମ ଓ ଶାନ୍ତି ବଂଟନ କରିବେ ।...

ଅଲ୍ଲାଃତାଲା ପବିତ୍ର କୋରାନ୍‌ରେ ମଧ୍ୟ କହୁଛନ୍ତି ଯେ ମୁଁ ନିଜର ଭକ୍ତମାନଙ୍କୁ କହୁଛି ଯେ ମୋର ଯେଉଁ ବିଶେଷ ଗୁଣ ଗୁଡିକ ଅଛି ସେଗୁଡିକୁ ତୁମେ ନିଜ ସାମର୍ଥ୍ୟ ଅନୁସାରେ ଗ୍ରହଣ କର । ଅଲ୍ଲାଃତାଲାଙ୍କର ସିଫତ୍ ଆଫିୟତ୍ ଆମ ସମସ୍ତଙ୍କ ଠାରୁ ଆଶା କରୁଛି ଯେ ଆମେ ଅହେମଦୀ ଯେଉଁମାନେ ଏହି ଇଲାକାରେ ରହୁଛେ ଆମେ ଆମ ପଡ଼ୋଶୀମାନଙ୍କର ଧ୍ୟାନ ରଖିବା ଏବଂ ତାଙ୍କର ସୁରକ୍ଷା କରିବା । ଯଦ୍ୱାରା ତାଙ୍କୁ କୌଣସି କଷ୍ଟ ନପହଂଚୁ ।

ମୋର ଆଶା ଯଦି ଆମେ ଏହି କାର୍ଯ୍ୟ କରିବା ତେବେ ଇନ୍‌ସା ଆଲାଃ ତାଲା ଯେଉଁ ଲୋକମାନଙ୍କ ମନରେ କିଛି ଦ୍ୱନ୍ଦ ଅଛି ତାକୁ ଆମେ ଦୂର କରିପାରିବା ।

ଲର୍ଡ଼ ମେୟରଙ୍କ ପ୍ରତିନିଧି ଯିଏ ଜଣେ ସ୍ତ୍ରୀ ଲୋକ ଅଟନ୍ତି ସେ ଏହା ପ୍ରକାଶ କଲେ ଯେ ମସ୍‌ଜିଦ୍‌ର ଦୃଷ୍ଟାନ୍ତ ହୀରା ସଦୃଶ ଅଟେ । ଏବଂ ଏହା ନିଶ୍ଚିତ ରୂପେ ଏହା ହୀରା ଅଟେ । ଯଦି ଅହେମଦୀ ମୁସଲ୍‌ମାନ ମାନେ ଏହି ହୀରାକୁ ଚିହ୍ନିନେବେ ତେବେ ଏହି ହୀରା ତାଙ୍କର ଦୃଷ୍ଟିଗୋଚର ହେବ । ଯଦି ନିଜର ପଡ଼ୋଶୀମାନଙ୍କର ଅଧିକାରକୁ ପ୍ରଦାନ ନ କରିବେ, ଯଦି ନିଜ ସହରରେ ଫିତ୍‌ନା ଫସାଦ୍ ସୃଷ୍ଟି କରିବେ ତେବେ ଲୋକମାନେ କହିବେ ଯେ ଯାହାକୁ ଆମେ ହୀରା ଭାବୁଥିଲୁ ଏହା ତ ଗୋଟିଏ ଜାଲି ଜିନିଷ ଅଟେ । ତେଣୁ ଏହି ମସ୍‌ଜିଦ୍ ନିର୍ମାଣ ହେବା ଦ୍ୱାରା ଆମର କର୍ତ୍ତବ୍ୟ ଆହୁରି ଅଧିକା ହୋଇଯାଇଛି । ଯେଉଁଠି ମୁଁ ଅତିଥିମାନଙ୍କୁ କହିବାକୁ ଚାହିଁବି ଯେ ଆପଣମାନେ ନିଶ୍ଚିତ ରୁହନ୍ତୁ । ଆପଣମାନଙ୍କୁ ଇନ୍‌ଶା ଆଲାଃ ତାଲା କୌଣସି ପ୍ରକାରର ଅସୁବିଧା ଅହେମଦୀ ମୁସଲମାନଙ୍କ ଦ୍ୱାରା ହେବନାହିଁ ବରଂ ଏହି ମସ୍‌ଜିଦ୍ ଗୋଟିଏ ଶାନ୍ତି, ପ୍ରେମ ଓ ଭାଇଚାରାର ଚିହ୍ନ ହୋଇ ରହିବ । ସେଠି ମୁଁ ଅହେମଦୀମାନଙ୍କୁ ମଧ୍ୟ କହିବାକୁ ଚାହୁଁଛି ଯେ ସେମାନେ ପ୍ରଥମରୁ ବଳିକରି କୋରାନ୍ ଶିକ୍ଷା ଉପରେ ଅମଳ କରି ନିଜ ପଡ଼ୋଶୀମାନଙ୍କର ଅଧିକାର ପ୍ରଦାନ କରିବା ପାଇଁ ଚେଷ୍ଟା କରନ୍ତୁ । ପଡ଼ୋଶୀଙ୍କର ଅଧିକାର ବହୁତ ବିସ୍ତାର ଅଟେ । ଏତେ ବିସ୍ତାର ଯେ ଇସ୍‌ଲାମ୍‌ର ପ୍ରତିଷ୍ଠାତା ହଜରତ୍ ମହମ୍ମଦ୍ ରସୁଲୁଲ୍ଲା ସ:ଆ:ସ କହିଲେ ଯେ ଅଲ୍ଲାଃତାଲା ମୋତେ ପଡ଼ୋଶୀର ଅଧିକାରକୁ ପ୍ରଦାନ କରିବା ପାଇଁ ଏତେ ଧ୍ୟାନ ଆକର୍ଷଣ କରାଇଲେ ଯେ ଗୋଟିଏ ସମୟରେ ମୁଁ ଭାବିଲି କି ପୈତୃକ ସମ୍ପତିରେ ମଧ୍ୟ ପଡ଼ୋଶୀମାନଙ୍କର ଅଧିକାର ସାମିଲ୍ ହୋଇଯିବ । ତେଣୁ ଇସ୍‌ଲାମ୍‌ରେ ପଡ଼ୋଶୀମାନଙ୍କର ଏପରି ଗୁରୁତ୍ୱ ଅଛି । ଯଦି ଏତେ ଗୁରୁତ୍ୱ ଦିଆଯାଇଛି ତେବେ ଏହା କିପରି ହୋଇପାରିବ ଯେ ଆମେ ଦ୍ୱାରା କିଏ କଷ୍ଟ ପାଇବ ? ଇନ୍‌ସାଲା ତାଲା ଆମେ ଇସାଇମାନଙ୍କ ଦୁଃଖକଷ୍ଟକୁ ଦୂର କରିବା ପାଇଁ ଚେଷ୍ଟା କରିବୁ ଅନ୍ୟ ଧର୍ମର ଲୋକମାନଙ୍କ ସହିତ ମିଳିମିଶି କାମ କରିବୁ ଏବଂ ଆମ ତରଫରୁ କୌଣସି ପ୍ରକାରର କୁ କର୍ମର ଆଶା ଆପଣମାନେ କରିବା ଉଚିତ୍ ନୁହେଁ ଯେ କାଳେ ଆମେ ଅନ୍ୟ ମୁସଲ୍‌ମାନଙ୍କ ପରି ହୋଇଥିବୁ କାରଣ ମୁସଲ୍‌ମାନ୍‌ମାନେ ଆଜିକାଲି ବଦ୍‌ନାମ୍ ଅଟନ୍ତି ।

ଜଣେ ବକ୍ତା ବହୁତଗୁଡିଏ ଦୃଷ୍ଟାନ୍ତ ଦେଲେ । ବେଲ୍‌ଜିୟମ୍ ଅତ୍ୟାଚାର ଓ ହତ୍ୟାର ଦୃଷ୍ଟାନ୍ତ ଦେଲେ । ଷ୍ଟକ୍ ହୋମ୍‌ରେ ହମ୍‌ଲା ଏବଂ ଲଣ୍ଡନ୍‌ରେ ଯେଉଁ ହମ୍‌ଲା ହୋଇଥିଲା ତାର ଦୃଷ୍ଟାନ୍ତ ଦେଲେ । ଏହିପରି ଘଟଣା କିଛି ମୁସଲମାନ ନିଜ ଦେଶରେ ମଧ୍ୟ କରୁଛନ୍ତି । ମୁସଲ୍‌ମାନ ମୁସଲମାନମାନଙ୍କୁ ମଧ୍ୟ ହତ୍ୟା କରୁଛନ୍ତି । କେବଳ ଏହା ନୁହେଁ ଯେ ମୁସଲ୍‌ମାନ କେବଳ ଅଣ ମୁସଲ୍‌ମାନମାନଙ୍କୁ ହତ୍ୟା କରିବାକୁ ଚାହୁଁଛନ୍ତି ବରଂ ଏ ଲୋକମାନେ ଇସଲାମ ନାରେ ନିଜର ସ୍ୱାର୍ଥ ହାସଲ କରିବା ପାଇଁ ଯିଏ ବି ସାମ୍ନାକୁ ଆସୁଛି ବା ଯିଏ ତାଙ୍କର ବିରୋଧ କରୁଛି ସେମାନଙ୍କୁ ହତ୍ୟା କରୁଛନ୍ତି । ସେଥିଯୋଗୁଁ ଅସଂଖ୍ୟ ମୁସଲମାନ୍ ମୁସଲମାନଙ୍କ ହାତ ଦ୍ୱାରା ହତ୍ୟା ହେଉଛନ୍ତି ।

ତେଣୁ ଆଜି ସଂସାରରେ ପ୍ରେମ, ସ୍ନେହ ଓ ଭାତୃଭାବର ଆବଶ୍ୟକ ଅଛି । ଏହି ନାରାର ଆବଶ୍ୟକ ଅଛି ଯାହା ଆମେ ଲଗାଉଛୁ । ''ମହବତ୍ ସବ୍ କେ ଲିଏ, ନଫ୍‌ରତ୍ କିସି ସେ ନେହିଁ'' ପ୍ରେମ ସଭିଙ୍କ ପାଇଁ ଘୃଣା କାହାକୁ ନାହିଁ । ଏବଂ ଏହା ସେହି ନାରା ଅଟେ ଯାହାକୁ ଯଦି ବୁଝି ନିଆଯିବ ତେବେ ମୁସଲ୍‌ମାନ୍ ମୁସଲମାନଙ୍କ ଅଧିକାର ପ୍ରଦାନ କରିବେ ଏବଂ ଅନ୍ୟ ଧର୍ମର ଲୋକମାନଙ୍କ ଅଧିକାର ମଧ୍ୟ ପ୍ରଦାନ କରିବେ ଏବଂ ଅସଲ ବୁନିଆଦ୍ ଏହା ଅଟେ ଯାହାକୁ ଇସ୍‌ଲାମ୍‌ର ପ୍ରତିଷ୍ଠାତା କହିଛନ୍ତି ଯେ ମୋ ଆସିବାର ଉଦ୍ଦେଶ୍ୟ ଦୁଇଟି । ଯେଉଁଥିପାଇଁ ମୁଁ ଏହି ଯମାତ୍ ପ୍ରତିଷ୍ଠା କରିଛି । ପ୍ରଥମଟି ହେଲା ଲୋକମାନଙ୍କୁ ଏହା ବତାଇବି ଯେ ସେମାନଙ୍କର ଏକ ଖୁଦା ଅଟନ୍ତି ଏବଂ ତୁମେମାନେ ସେହି ଖୁଦାଙ୍କୁ ମାନିନିଅ ଓ ତା ଉପାସନାର ହକ୍ ପ୍ରଦାନ କର । ଯେ କୌଣସି ପ୍ରକାରେ ହେଉ ତୁମେ ତାର ନିକଟତର ହୋଇଯାଅ । ଦ୍ୱିତୀୟଟି ଏହା ହେଉଛି ଯେ ମନୁଷ୍ୟ ଅନ୍ୟ ମନୁଷ୍ୟର ଅଧିକାରକୁ ଚିହ୍ନୁ । ସେ ଇସାଇ ହୁଅନ୍ତୁ, ଯହୁଦୀ, ହିନ୍ଦୁ ବା ଅନ୍ୟ କୌଣସି ଧର୍ମର ହୁଅନ୍ତୁ ବା ମୁସଲ୍‌ମାନ ହୁଅନ୍ତୁ । ପ୍ରତ୍ୟେକ ମନୁଷ୍ୟର ଅଧିକାର ଅଛି । କିନ୍ତୁ ଜଣେ ଲୋକକୁ ଦରକାରରେ ସେ ସମସ୍ତଙ୍କର ଅଧିକାର ପ୍ରଦାନ କରୁ । ସେ ଯେ କୌଣସି ଧର୍ମର ହେଉଥାଉ ନା କାହିଁକି । ଆବଶ୍ୟକ ପଡ଼ିଲେ ସେ ତାର ସେବା କରିବା ଉଚିତ୍ ।

ଅଲ୍ଲାଃତାଲା କରନ୍ତୁ ଯେ ଆମେ ଅହେମଦୀ ଏହି ସହରରେ ମଧ୍ୟ ଏହି କଥା ଉପରେ ଅମଳ କରିବା ଏବଂ ଆପଣ ସମସ୍ତଙ୍କର ପ୍ରକୃତ ସେବା କରିପାରିବା ଏବଂ ଏଠିକାର ଲୋକମାନେ ଯାହାଙ୍କ ମନରେ ଲେସ ମାତ୍ର ସଙ୍କୋଚ ମଧ୍ୟ ଅଛି ତାହାକୁ ଦୂର କରିବା । ଯଦ୍ୱାରା ସେମାନେ ବୁଝିନେବେ ଯେ ଅହେମଦୀ ମୁସଲ୍‌ମାନ ବାସ୍ତବରେ ପ୍ରେମ ଓ ଭାତୃଭାବର ସିମ୍ବଲ୍ ଅଟନ୍ତି । ଧନ୍ୟବାଦ ।

ହଜୁର୍ ଅନ୍‌ୱର୍ ଅ:ବ:ଅ ଙ୍କ ଏହି ବକ୍ତବ୍ୟ ୭:୨୭ ମିନିଟ୍ ପର୍ଯ୍ୟନ୍ତ ଜାରି ରହିଥିଲା । ହଜୁର୍ ଅନ୍‌ୱର୍ ଦୁଆ କରାଇଲେ । ଏହାପରେ ଏହି ଉତ୍ସବରେ ସାମିଲ୍ ହୋଇଥିବ ଏହି ଅତିଥିମାନେ ହଜୁର୍ ଅନ୍‌ୱର୍‌ଙ୍କ ସହିତ ରାତ୍ରିଭୋଜନ କଲେ । କିଛି ଅତିଥି ଏକ ପରେ ଏକ ଆସି ହଜୁର୍ ଅନ୍‌ୱର୍‌ଙ୍କ ସହିତ ସାକ୍ଷାତ କଲେ । ହଜୁର୍ ଅନ୍‌ୱର୍ ଅ:ବ:ଅ ଅତିଥିମାନଙ୍କ ସହିତ ବାର୍ତ୍ତାଳାପ କରୁଥିଲେ । କ୍ରମଶଃ...

**(ବ ହୱାଲା ଅଖବାର୍ ବଦର୍ ୪ ମଇ-୨୦୧୭)**

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com
website:www.akhbarbadarqadian.in
:www.alislam.org

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

The Weekly Qadian **BADAR** ସାପ୍ତାହିକ ବଦର କାଦିଆନ

Distt: Gurdaspur (Pb.) INDIA Qadian - 143516

Postal Reg. No.GDP-40/2017-2019 Vol.2 Thursday 13 JULY 2017 Issue No. 28

MANAGER
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com
www.alislam.org/badr
ANNUAL SUBSCRIPTION:Rs.300/-

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଜର୍ମାନୀ ଗସ୍ତ ୨୦୧୭

♦ଗୋଟିଏ ସଚ୍ଚୋଟ ମୁସଲ୍‌ମାନ ପାଇଁ ଏହା ଜରୁରୀ ଅଟେ ଯେ ସେ ଯେତେବେଳେ ନିଜ ମସ୍‌ଜିଦ୍‌କୁ ଉପାସନା ପାଇଁ ଆସେ ଓ ନିଜ ମସ୍‌ଜିଦ୍‌ର ସୁରକ୍ଷା ପାଇଁ ଇଛା କରେ ତେବେ ତା ଉପରେ ଏହା ଧାର୍ଯ୍ୟ ଅଟେ ଯେ ସେ ଚର୍ଚ୍ଚର ମଧ୍ୟ ସୁରକ୍ଷା କରୁ । ସେ ୟୁହୁଦୀ Synagogue ର ମଧ୍ୟ ସୁରକ୍ଷା କରୁ ଏବଂ ସେମାନଙ୍କ ସହିତ ପ୍ରେମ ଓ ସୌହାର୍ଦ୍ଦ୍ୟର ସହିତ ବସବାସ କରୁ । ଏହା ହିଁ ସେହି ଶିକ୍ଷା ଯଦି ଏହା ଉପରେ ଅମଳ କରାଯାଏ ତେବେ ପ୍ରେମ, ସ୍ନେହ ଓ ଭାଇଚାରା ପ୍ରସାର ଲାଭ କରିବ ।♦ଅହେମଦୀ ମୁସଲ୍‌ମାନ୍ ମାନଙ୍କୁ ମଧ୍ୟ ଗୋଟିଏ ଉପାସନା ପିଠର ଆବଶ୍ୟକତା ଥିଲା । ଯାହାକୁ ଆମେ ନିର୍ମାଣ କରିଛୁ । ଯଦ୍ୱାରା ଅଲ୍ଲାଃତାଲାଙ୍କର ଉପାସନା ହେବ ଏବଂ ମଣିଷଙ୍କର ସେବା ମଧ୍ୟ ଉତମ ଓ ଯୋଜନାବଦ୍ଧ ରୂପେ ଆମେ କରିପାରିବୁ । ଏହା ହିଁ ଆମର ଲକ୍ଷ୍ୟ । ସେଇଥିପାଇଁ ଆମେ ଦୁନିଆର ପ୍ରତ୍ୟେକ ଯାଗାରେ ମସ୍‌ଜିଦ୍ ନିର୍ମାଣ କରିଛୁ ଏବଂ ହକିକି ଇସ୍‌ଲାମ୍‌ର ବାର୍ତା ପହଂଚାଉଛୁ ।♦ଯେଉଁଠି ମୁଁ ଅତିଥିମାନଙ୍କୁ କହିବାକୁ ଚାହିଁବି ଯେ ଆପଣମାନେ ନିଶ୍ଚିତ ରୁହନ୍ତୁ । ଆପଣମାନଙ୍କୁ ଇନ୍‌ଶା ଆଲାଃ ତାଲା କୌଣସି ପ୍ରକାରର ଅସୁବିଧା ଅହେମଦୀ ମୁସଲ୍‌ମାନଙ୍କ ଦ୍ୱାରା ହେବନାହିଁ ବରଂ ଏହି ମସ୍‌ଜିଦ୍ ଗୋଟିଏ ଶାନ୍ତି, ପ୍ରେମ ଓ ଭାଇଚାରାର ଚିହ୍ନ ହୋଇ ରହିବ । ସେଠି ମୁଁ ଅହେମଦୀମାନଙ୍କୁ ମଧ୍ୟ କହିବାକୁ ଚାହୁଁଛି ଯେ ସେମାନେ ପ୍ରଥମରୁ ବଳିକରି କୋରାନ୍ ଶିକ୍ଷା ଉପରେ ଅମଳ କରି ନିଜ ପଡ଼ୋଶୀମାନଙ୍କର ଅଧିକାର ପ୍ରଦାନ କରିବା ପାଇଁ ଚେଷ୍ଟା କରନ୍ତୁ । ପଡ଼ୋଶୀଙ୍କର ଅଧିକାର ବହୁତ ବିସ୍ତାର ଅଟେ ।

## ମସ୍‌ଜିଦ୍ ବୈତୁଲ୍ ଆଫିୟତ୍ ର ଉଦ୍‌ଘାଟନ ସମୟରେ ସୟଦ୍‌ନା ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ଜ୍ଞାନବର୍ଦ୍ଧକ ଭାଷଣ

——(ରିପୋର୍ଟ:-ଅବ୍‌ଦୁଲ୍ ମାଜିଦ୍ ତାହେର୍, ଏଡ଼ିଶିନାଲ୍ ଓ୍ୱକିଲୁଲ୍ ତବ୍‌ଶିର୍ ଲଣ୍ଡନ୍)——

**୮ ଏପ୍ରିଲ୍ ୨୦୧୭ (ଶନିବାର) ଲଣ୍ଡନ୍‌ରୁ ପ୍ରସ୍ଥାନ ଓ ଫ୍ରାନ୍‌କଫ୍ରଟ୍ (ଜର୍ମାନୀ)ରେ ଶୁଭ ଆଗମନ ।**

ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଜର୍ମାନୀ ଗସ୍ତରେ ଯିବା ପାଇଁ ସକାଳ ୯:୪୫ ମିନିଟ୍‌ରେ ନିଜ ବାସସ୍ଥାନରୁ ବାହାରକୁ ପଦାର୍ପଣ କଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କୁ ଅଲ୍‌ବିଦା କହିବା ପାଇଁ ସକାଲୁ ଯମାତ୍ ଅହେମଦୀୟାର ପୁରୁଷ ଏବଂ ମହିଳାମାନେ ମସ୍‌ଜିଦ୍ ଫଜଲ୍ ଲଣ୍ଡନ୍‌ର ବାହ୍ୟ ଇଲାକାରେ ଜମା ହୋଇଥିଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ଦୟାପୂର୍ବକ କିଛି ସମୟ ପାଇଁ ଲୋକମାନଙ୍କ ମଧ୍ୟରେ ଉପସ୍ଥିତ ହେଲେ । ପ୍ରତ୍ୟେକ ବ୍ୟକ୍ତି ନିଜର ପ୍ରେମୀ ଆକାଙ୍କ ସାକ୍ଷାତ୍ କରିବାର ସୁଯୋଗ ପାଇଲେ । ହଜୁର୍ ଅନୁଓ୍ୱର୍ ନିଜର ହାତକୁ ଉଚ୍ଚା କରି ସମସ୍ତ ଉପସ୍ଥିତ ବ୍ୟକ୍ତିଙ୍କୁ ଅସ୍‌ସଲାମ୍ ଆଲୈକୁମ୍ କହିଲେ ଏବଂ ଇଜ୍‌ତିମାୟି ଦୁଆ କରାଇଲେ । ତା ପରେ ୭ଗୋଟି ଗାଡ଼ିରେ ପରିବେଷ୍ଟିତ ଦଳ ବ୍ରିଟେନ୍‌ର ସହର ଡ଼ୋଭର୍ ଆଡ଼କୁ ଅଗ୍ରସର ହେଲା ।

ଡ଼ୋଭର୍ ହେଉଛି ବ୍ରିଟେନ୍‌ର ଏକ ବିଖ୍ୟାତ ବନ୍ଦର । ଏବଂ ଏହାର ଚତୁଃପାର୍ଶ୍ୱରେ ଥିବା ଲୋକମାନେ ୟୁରୋପ ଯାତ୍ରା ଫେରିଜ୍ ମାଧ୍ୟମରେ ଏହି ବନ୍ଦରର କରିଥାନ୍ତି । ଡ଼ୋଭର୍‌ର ୧୧ ମାଇଲ୍ ପୂର୍ବରୁ ଫୋକ୍ ଷ୍ଟୋନ୍ ଇଲାକାର ସେହି ବିଖ୍ୟାତ ଚ୍ୟାନେଲ୍ ଟନେଲ୍ ଆସିଥାଏ ଯାହା ସମୁଦ୍ର ତଳେ ବ୍ରିଟେନ୍ ଏବଂ ଫ୍ରାନ୍‌ସର ଉପକୂଳକୁ ସଂଯୋଗ କରିଥାଏ । ଏହି ସୁଡ଼ଙ୍ଗ ଜରିଆରେ କାର୍ ଓ ଅନ୍ୟାନ୍ୟ ବଡ଼ଗାଡ଼ି ଗୁଡିକ ଟ୍ରେନ୍ ମାଧ୍ୟମରେ ଫ୍ରାନ୍‌ସର ଉପକୂଳବର୍ତୀ ସହର କାଲାସିସ୍ ପର୍ଯ୍ୟନ୍ତ ପହଂଚିଥାଏ । ଆଜି ଏହି ଚ୍ୟାନେଲ୍ ଟନେଲ୍ ମାଧ୍ୟମରେ ଯାତ୍ରା କରିବାର ପ୍ରୋଗ୍ରାମ୍ ଥିଲା ।

ଲଣ୍ଡନ୍‌ରୁ ଶ୍ରୀମାନ୍ ରଫିକ୍ ଅହେମଦ୍ ହୟାତ୍ ସାହେବ ଅମୀର୍ ଯମାତ୍ ଅହେମଦୀୟା ୟୁକେ, ଶ୍ରୀମାନ୍ ଅତାଉଲ୍ ମୁଜିବ୍ ରାଶିଦ୍ ସାହେବ ମୋବଲିଗ୍ ଇନ୍‌ଚାର୍ଜ ୟୁ.କେ, ଶ୍ରୀମାନ୍ ଡ଼ାଃ ଏଜାୟୁର୍ ରହେମାନ୍ ସାହେବ ସଭାପତି ମଜ୍‌ଲିସ୍ ଅଂଶାରୁଲା ୟୁ.କେ, ଶ୍ରୀମାନ୍ ସାହେବ୍ ଜାଦା ମିର୍ଜା ଓ୍ୱକାଶ୍ ଅହେମଦ୍ ସାହେବ ସଭାପତି ମଜ୍‌ଲିସ୍ ଖୁଦାମୁଲ୍ ଅହେମଦୀୟା ୟୁ.କେ, ମୁକରମ୍ ଅଖଲାକ୍ ଅହେମଦ୍ ଅଞ୍ଜୁମ୍ ସାହେବ (ଦଫ୍‌ରତ୍ ଓ୍ୱକାଲତ୍ ତବ୍‌ଶିର୍) ଶ୍ରୀମାନ୍ ଗାଲିବ୍ ଜାଓ୍ୱେଦ୍ ସାହେବ (ଦଫ୍‌ତର୍ ପ୍ରାଇଭେଟ୍ ସେକ୍ରେଟାରୀ), ଶ୍ରୀମାନ୍ ମିର୍ଜା ମେହେମୁଦ୍ ଅହେମଦ୍ ସାହେବ୍ (ମର୍କଜି ଏଡ଼ିଟର୍), ଶ୍ରୀମାନ ନାସର୍ ଇନ୍‌ଆମ୍ ସାହେବ (ପ୍ରିନ୍‌ସପାଲ୍ ଜାମିୟା ଅହେମଦୀୟା ୟୁ.କେ) ଏବଂ ଶ୍ରୀମାନ୍ ସୟଦ୍ ମହମ୍ମଦ୍ ଅହେମଦ୍ ନାସିର୍ ସାହେବ ନାଏବ୍ ଅଫିସର୍ ବିଶେଷ ସୁରକ୍ଷା ଗୋଷ୍ଠୀ ଓ ଖୁଦାମଙ୍କ ସିକ୍ୟୁରିଟି ଟିମ୍ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କୁ ଅଲ୍‌ବିଦା କହିବା ପାଇଁ ଚ୍ୟାନେଲ୍ ଟନେଲ୍ ପର୍ଯ୍ୟନ୍ତ କାଫଲା ସାଙ୍ଗରେ ଆସିଥିଲେ । ପାଖାପାଖି ଏକ ଘଂଟା ୨୫ ମିନିଟ୍‌ର ଯାତ୍ରା ପରେ ୧୧:୧୫ ମିନିଟ୍‌ରେ ଚ୍ୟାନେଲ୍ ଟନେଲ୍ ପହଂଚିଲେ । ଲଣ୍ଡନ୍‌ରୁ ସାଥିରେ ଆସିଥିବା ଲୋକମାନେ ନିଜର ଶ୍ରଦ୍ଧେୟ ଆକାଙ୍କୁ ଅଲ୍‌ବିଦା କହିଲେ । ଏକ ବିଶେଷ ପ୍ରୋଟୋକଲ୍‌ର ବ୍ୟବସ୍ଥା ଅନ୍ତର୍ଗତ ଇମିଗ୍ରେସନ୍‌ର କାର୍ଯ୍ୟକ୍ରମ ସାରି ପାଖାପାଖି ୧୧:୪୫ ମିନିଟ୍‌ରେ ଗାଡ଼ିଗୁଡିକ ଟ୍ରେନ୍‌ରେ ଲୋଡ଼ି କରାଗଲା । ଚ୍ୟାନେଲ୍ ଟନେଲ୍‌ରେ ଯେଉଁ ଟ୍ରେନ୍ ଚାଲୁଛି ସେମାନଙ୍କ ମଧ୍ୟରୁ କିଛି ଦୁଇମହଲା ବିଶିଷ୍ଟ ଏବଂ ଗୋଟିଏ ଟ୍ରେନ୍‌ରେ ୧୮୦ ରୁ ଅଧିକ ଗାଡ଼ି ଲଦା ହୋଇପାରୁଛି । ଟ୍ରେନ୍ ନିଜର ସମୟ ମୁତାବକ ଦିନ ୧୨ଟାରେ ଘଂଟା ପ୍ରତି ୧୪୦କି.ମି. ବେଗରେ ଫ୍ରାନ୍‌ସର ଉପକୂଳ ସହର କାଲାସିସ୍ ଆଡ଼କୁ ଅଗ୍ରସର ହେଲା ।

ଏହି ସୁଡ଼ଙ୍ଗର ସମ୍ପୂର୍ଣ୍ଣ ଦୈର୍ଘ୍ୟ ୩୧ ମାଇଲ୍ ଏବଂ ତା ମଧ୍ୟରୁ ୨୪ ମାଇଲ୍ ସମୁଦ୍ର ତଳେ ଅଛି । ଏହି ସୁଡ଼ଙ୍ଗର ଗଭୀର ଭାଗ ସମୁଦ୍ର ପତନଠାରୁ ୭୫ ମିଟର ଅର୍ଥାତ ୨୫୦ ଫୁଟ୍ ତଳେ ଅଛି । ଏ ପର୍ଯ୍ୟନ୍ତ ଦୁନିଆରେ ଯେତେ ଟନେଲ୍ ଅଛି ଏହା ସମସ୍ତଙ୍କ ଠାରୁ ବଡ଼ ଟନେଲ୍ । ପାଖାପାଖି ୩୫ ମିନିଟ୍‌ର ଯାତ୍ରା ପରେ ଫ୍ରାନ୍‌ସ୍‌ର ସ୍ଥାନୀୟ ମୁତାବକ ୧:୩୫ ମିନିଟ୍‌ରେ କାଲାସିସ୍ ସହରରେ ପହଂଚିଲେ ଫ୍ରାନ୍‌ସର ସମୟ ବ୍ରଟେନ୍‌ର ସମୟଠାରୁ ଏକ ଘଂଟା ଅଧିକ । ଟ୍ରେନ୍ ରହିବା ପରେ ୫ ମିନିଟ୍ ବ୍ୟବଧାନରେ ଗାଡ଼ିଗୁଡିକ ଟ୍ରେନ୍‌ରୁ ବାହାରକୁ ଅଣାଗଲା । ଏବଂ ମୋଟର୍ ଓ୍ୱେରେ ଯାତ୍ରା ଆରମ୍ଭ ହେଲା । ପ୍ରଥମରୁ ଧାର୍ଯ୍ୟ କରାଯାଇଥିବା ପ୍ରୋଗ୍ରାମ୍ ମୁତାବକ ଏଠାରୁ କିଛି କି.ମି ବ୍ୟବଧାନରେ ଅବସ୍ଥିତ ଗୋଟିଏ ପେଟ୍ରୋଲ୍ ପମ୍ପ୍‌ର ପାର୍କିଂ ଏରିଆରେ ଯମାତ୍ ଅହେମଦୀୟା ଜର୍ମାନୀରୁ ଆସିଥିବା ଓ୍ୱଫଦ୍ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କର ସ୍ୱାଗତ କଲେ ।

ଜର୍ମାନୀରୁ ଶ୍ରୀମାନ୍ ଅବ୍‌ଦୁଲା ଓ୍ୱାଗସ୍ ହାଉଜର୍ ସାହେବ ଅମୀର ଯମାତ୍ ଜର୍ମାନୀ, ଶ୍ରୀମାନ୍ ମହମ୍ମଦ୍ ଇଲିଆସ୍ ମଜୁକେ ସାହେବ୍ ଜେନେରାଲ୍ ସେକ୍ରେଟାରୀ, ଶ୍ରୀମନ୍ ଜରିଉଲା ସାହେବ୍ (ମୋବୋଲିଗ୍ ସିଲ୍‌ସିଲା) ନାଏବ ଜେନେରାଲ୍ ସେକ୍ରେଟାରୀ, ଶ୍ରୀମାନ୍ ୟହିଆ ଜାହିଦ୍ ସାହେବ୍ ଆସିଷ୍ଟାଂନ୍‌ସ ଜେନେରାଲ୍ ସେକ୍ରେଟାରୀ, ଶ୍ରୀମାନ୍ ହସ୍‌ନାତ ଅହେମଦ୍ ସାହେବ ସଭାପତି ମଜ୍‌ଲିସ୍ ଖୁଦାମୁଲ୍

*ଅବଶିଷ୍ଟାଂଶ ପୃଷ୍ଠା-୮ ରେ ଦେଖନ୍ତୁ.......*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan